୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27 . No.6 Bhubaneswar Saturday Feburary 08 2025 ୨୭ତମ ବର୍ଷ ସଂଖ୍ୟା-୬ ଭୁବନେଶ୍ୱର, ଶନିବାର, ଫେବୃଆରୀ ୦୮, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ବିଜେଡିର ମାମଲତକାରୀଙ୍କୁ ଶକ୍ତଧକ୍କା: ବବିଙ୍କ ଏଂଟ୍ରି ମହଙ୍ଗା ପଡିଲା, ଦଳ ଛାଡିଲେ ଉଦଳା ବ୍ଲକ ଅଧ୍ୟକ୍ଷା

ଭୁବନେଶ୍ୱର,୭।୨(ପି.ଏନ): ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ସହ ରାଜ୍ୟ ଶାସନରୁ ବିତାଡିତ ହେବା ପରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ବିଜେଡି ସୁଧରିବାର ନାଁ ଧରୁନି। ନବୀନଙ୍କ ସାଂଗଠନିକ କାର୍ଯ୍ୟରେ ଅନାଗ୍ରହ, ନେତୃତ୍ୱକୁ ଆଉଟସୋର୍ସିଂରେ ଦେବା ଓ ବିଶେଷକରି ନିର୍ବାଚନ ପରାଜୟର ସମୀକ୍ଷା କରି ଦଳକୁ ତୃଣମୂଳସ୍ତରରୁ ସୁଦୃ? ନକରିବାର ଫଳ ଏବେ ବିଜେଡିକୁ ପତନ ଅଭିମୁଖେ ନେବାରେ ଲାଗିଛି । ବିଜେଡିର ଅଘୋଷିତ ସର୍ବ?ସର୍ବା ଭିକେ ପାଣ୍ଡିଆନଙ୍କ ମାମଲାତି ଓ ତାଙ୍କ ଖାସ୍ ଅନୁଗତ ପ୍ରଣବପ୍ରକାଶ ଦାସ(ବବି)ଙ୍କୁ ପୁଣିଥରେ ଦାୟିତ୍ୱ ନ୍ୟସ୍ତ ହେବାର ପରିଣତି ବିଜେଡିକୁ ମହଙ୍ଗା ପଡିଛି । ଆଉ ଏହି ପାଣ୍ଡିଆନ-ବବି ଯୋଡିଙ୍କୁ ଖୁସି କରିବାକୁ ଆଗଧାଡିର ଯେଉଁ ୮-୧୦ଜଣ ଦଳୀୟ ନେତା ବିଗତ କିଛିମାସ ଧରି ମାମଲାତି କରୁଛନ୍ତି ସେମାନଙ୍କୁ ମଧ୍ୟ ଝଟକା ଲାଗିଛି । ବବିଙ୍କୁ ଉଦଳା ସମେତ ମୋଟ ୫ଟି ନିର୍ବାଚନମଣ୍ଡଳୀର ସାଂଗଠନିକ କାର୍ଯ୍ୟ ବୁଝିବାର ଦାୟିତ୍ୱ ନ୍ୟସ୍ତ କରି ଭବିଷ୍ୟତରେ ଦଳୀୟ ସଂଗଠନରେ ତାଙ୍କୁ ପୁଣିଥରେ ଗୁରୁଦାୟିତ୍ୱ ଦେବା ପାଇଁ ହୋଇଥିବା 'ରଣନୀତି' ମଧ୍ୟ ଫେଲ୍ ମାରିଛି । ବବିଙ୍କୁ ଦାୟିତ୍ୱ ଦେବାର ୧୦ଦିନ ନପୁରୁଣୁ ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ ନିଜର ଶତାଧିକ ସମର୍ଥକ ଓ ବହୁ ନିର୍ବାଚିତ ପ୍ରତିନିଧିଙ୍କ ସହ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । କେବଳ ଉଦଳା ନୁହେଁ ବବିଙ୍କୁ ଦିଆଯାଇଥିବା ରାଇରଙ୍ଗପୁର, ବଡସାହି, ଛେଣ୍ଡିପଦା ଓ ବଡଚ଼ଣାରେ ମଧ୍ୟ ତୃଣମୂଳସ୍ତରର ଦଳୀୟ କର୍ମୀ ଏବେ ବବିଙ୍କୁ ଗ୍ରହଣ କରିବା ମୁଡରେ ନାହାନ୍ତି । ସେମାନେ ସାଂଗଠନିକ କାର୍ଯ୍ୟରେ ବବିଙ୍କୁ ସହଯୋଗ କରିବା ପରିବର୍ତ୍ତ? ଦଳୀୟ ନେତୃତ୍ୱଙ୍କ ଏଭଳି ଅସହାୟତା(ପାଣ୍ଡିଆନ-ବବିଙ୍କ ଉପରେ ନିର୍ଭରଶୀଳତା)କୁ ଦେଖି ବିଜେପି ମୁହାଁ ହେଉଥିବା ଚ଼ର୍ଚ୍ଚା ।

**ମହଙ୍ଗା ପଡୁଛି ପାଣ୍ଡିଆନ-ବବିଙ୍କ ମାମଲାତି ଓ ପରାଜିତ ନେତାଙ୍କ ତୋଷାମଦ**



ରାଜ୍ୟର ସବୁଠୁ ବଡ ଦଳ ବିଜେଡିର ସଂଗଠନ ଏବେ ଦ୍ରୁତଗତିରେ ଭୁଶୁଡିବାରେ ଲାଗିଛି । ବିଜେଡିର ନେତା ନବୀନ ପଟ୍ଟନାୟକ ଅଛନ୍ତି ସତ କିନ୍ତୁ ନିଜେ ନେତୃତ୍ୱ ନନେଇ ପାଣ୍ଡିଆନଙ୍କ ଉପରେ ମାତ୍ରାଧିକ ନିର୍ଭରଶୀଳ ହେବା ଓ ତାଙ୍କୁ ଅଘୋଷିତ ଭାବେ ନେତୃତ୍ୱ ଟେକିଦେବା ହିଁ ଏବେ ବିଜେଡି ପାଇଁ କାଳ ସାଜିଛି । ବିଜେଡିର ଶୋଚ଼ନୀୟ ପରାଜୟ ଓ ୨୪ବର୍ଷର କ୍ଷମତା ହାତରୁ ଖସିଯିବା ପାଇଁ ପାଣ୍ଡିଆନ ଓ ତାଙ୍କ ଟିମକୁ ସମସ୍ତେ ଦାୟୀ କରୁଛନ୍ତି । ପାଣ୍ଡିଆନ ମଧ୍ୟ ଏହାକୁ ଅନୁଭବ କରି କର୍ମୀ ଓ ନେତାମାନଙ୍କ ଆକ୍ରୋଶରୁ ବର୍ତ୍ତିବା ନିମନ୍ତେ ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କଲେ । କିନ୍ତୁ ମାତ୍ର ଦିନ କେଇଟା ନପୁରୁଣୁ ନବୀନ ପୁଣିଥରେ ତାଙ୍କୁ ଆଉଟସୋର୍ସିଂରେ 'ସଂଗଠନର ନେତୃତ୍ୱ' ଟେକି ଦେଇଛନ୍ତି । ଆଉ ପାଣ୍ଡିଆନ ନିଜର ପୁରୁଣା ଅନୁଗତ ବବିଙ୍କୁ ସହଯୋଗରେ ସଂଗଠନକୁ ନିଜ ନିୟନ୍ତ୍ରଣରେ ରଖି ପରିଚ଼ାଳନା କରିବାରେ ଲାଗିଛନ୍ତି । ପାଣ୍ଡିଆନ ଓ ବବି ପରସ୍ପରର ଦୋଷଦୁର୍ବଳତା ପାଇଁ ଯୋଡି ହୋଇ ରହିବା ଏକରକମ ବାଧ୍ୟବାଧକତା ହୋଇଥିଲେ ମଧ୍ୟ ଦଳର କିଛି ଆଗଧାଡିର ପରାଜିତ ନେତାଙ୍କ ତୋଷାମଦ ଏହି ଯୋଡିଙ୍କ ପାଇଁ 'ସୋନେପ ସୁହାଗା' ହୋଇଛି । ଦେବୀ ମିଶ୍ରଙ୍କଠୁ ଆରମ୍ଭ କରି ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚ଼ୀ ନାୟକ, ଅମର ପଟ୍ଟନାୟକ ପ୍ରମୁଖ ଏବେ ରାତି ପାହିଲେ ନିଜ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ପାଣ୍ଡିଆନ-ବବି ସ୍ତୁତିଗାନ କରିବାରେ ଲାଗିଛନ୍ତି । ଏହି ଗୋଷ୍ଠୀ ମାମଲାତି ଯୋଗୁ ବବିଙ୍କୁ ପୁଣିଥରେ ସଂଗଠନରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ବବିଙ୍କୁ ନେଇ ତୃଣମୂଳସ୍ତରରେ ବିରୋଧ ଓ ତୀବ୍ର ଅସନ୍ତୋଷ ଥିବାସତ୍ତ୍ୱେ କାହିଁକି ତାଙ୍କୁ ପୁଣିଥରେ ସାଂଗଠନିକ ଦାୟିତ୍ୱ ନ୍ୟସ୍ତ କରାଗଲା, ତାକୁ ନେଇ ଗଣମାଧ୍ୟମରେ ଚ଼ର୍ଚ୍ଚା ହେବାରୁ କ୍ରମାଗତ ନିର୍ବାଚ଼ନ ହାରୁଥିବା ସଞ୍ଜୟ ଦାସବର୍ମାଙ୍କ ଭଳି ନେତା ଆଗକୁ ଆସି ବବିଙ୍କ ସପକ୍ଷରେ ତୋଷାମଦ କରିବାକୁ ପଛାଇଲେ ନାହିଁ । ଏହି ପରାଜିତ ନେତାମାନଙ୍କର ଏଭଳି ଚ଼ାଟୁକାରିତା ପାଇଁ ହିଁ ସଂଗଠନ ତୃଣମୂଳସ୍ତରରେ ସୁଧୁରିବା ପରିବର୍ତ୍ତ? ଭୁଶୁଡିବାରେ ଲାଗିଛି । ଅବଶ୍ୟ ପାଣ୍ଡିଆନ-ବବି ଯୋଡିଙ୍କ ନେତୃତ୍ୱ ଓ ମାମଲାତିକୁ ସ୍ୱୀକାର କରୁଥିବା ନେତାଙ୍କ ତାଲିକା ବେଶ୍ ଲମ୍ବା । ବରିଷ୍ଠ ନେତା ନିରଞ୍ଜନ ପୂଜାରୀଙ୍କଠୁ ଆରମ୍ଭ କରି ଅରୁଣ ସାହୁ, ପ୍ରତାପ ଦେବ, ଦେବାଶୀଷ ସାମନ୍ତରାୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚ଼ାର୍ଯ୍ୟ ପ୍ରମୁଖ ବି ରହିଛନ୍ତି । ପାଣ୍ଡିଆନଙ୍କ ଚ଼ାଲ୍ ବୁଝିବାରେ ଦେବୀ ଗ୍ରୁପ୍ ଫେଲ୍ ?ନବୀନ ନିବାସରେ ବସି ବିଜେଡି ସଂଗଠନକୁ ନିଜ ନିୟନ୍ତ୍ରଣରେ ରଖିଥିବା ପାଣ୍ଡିଆନଙ୍କ 'ଚ଼ାଲ୍?' ବୁଝିବାରେ ଦଳର ଅସ୍ଥାୟୀ ମୁଖିଆ(ସମନ୍ୱୟ କମିଟି ଅଧ୍ୟକ୍ଷ) ତଥା ଅଭିଜ୍ଞ ନେତା ଦେବୀ ମିଶ୍ର ଓ ତାଙ୍କ ଗ୍ରୁପ୍ ଫେଲ୍ ମାରିଛନ୍ତି । ଦଳର ରଣନୀତି ଓ କାର୍ଯ୍ୟକ୍ରମ ସେମାନଙ୍କ ହିସାବରେ ହେଉଛି ବୋଲି ଦେବୀ ଓ ତାଙ୍କ ଟିମ୍ ଏକପ୍ରକାର ଧରିନେଇଛନ୍ତି । କିନ୍ତୁ ବାସ୍ତବରେ ପାଣ୍ଡିଆନ ଯାହା ଚ଼ାହୁଁଛନ୍ତି ସେଭଳି କାର୍ଯ୍ୟକ୍ରମକୁ ଏହି ଗୋଷ୍ଠୀ ହିଁ ଆଗକୁ ଆସି କାର୍ଯ୍ୟକାରୀ କରାଉଛନ୍ତି । ଏହି ଗ୍ରୁପର ନେତାମାନଙ୍କୁ ଭିନ୍ନଭିନ୍ନ ଭାବେ ଡାକି ସେମାନଙ୍କ ମାଧ୍ୟମରେ ପାଣ୍ଡିଆନ ନିଜର ରଣନୀତିକୁ କାର୍ଯ୍ୟକାରୀ କରାଉଛନ୍ତି । ୧୪୭ ନିର୍ବାଚ଼ନମଣ୍ଡଳୀରୁ ମାତ୍ର ୨୭ଟି ନିର୍ବାଚ଼ନମଣ୍ଡଳୀକୁ ଚ଼ୟନ କରିବା ଓ ସେଠାରେ ସାଂଗଠନିକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବବିଙ୍କ ସମେତ ୧୦ଜଣ ନେତାଙ୍କୁ ଦାୟିତ୍ୱ ଦେବା ଏବଂ ବବିଙ୍କୁ ସର୍ବାଧିକ ୫ଟି ନିର୍ବାଚ଼ନମଣ୍ଡଳୀ ଦେବା ଆଦି ପାଣ୍ଡିଆନଙ୍କ ରଣନୀତିର ଅଂଶବିଶେଷ ଥିଲା । ଯଦିଓ ବବିଙ୍କୁ ରାଜ୍ୟର ସଂଗଠନ ସମ୍ପାଦକରୁ ଆଣି ମାତ୍ର ୫ଟି ନିର୍ବାଚ଼ନମଣ୍ଡଳୀ ମଧ୍ୟରେ ସୀମିତ କରାଗଲା ବୋଲି ଦେବୀଙ୍କ ଟିମ୍ ଅନ୍ୟମାନଙ୍କୁ ଧାରଣ ଦେବାକୁ ପ୍ରୟାସ କରିଛି, କିନ୍ତୁ ତାହା ଯେ କେବଳ ଏକ ଡ୍ରାମା ଥିଲା ଧୀରେଧୀରେ ପ୍ରମାଣିତ ହେଲାଣି । ଏହି ତାଲିକା ଅନୁମୋଦନ ପାଇଁ ନବୀନ ନିବାସରେ ୮ଦିନ ପଡି ରହିବା, ତାଲିକାରେ ନାଁ ରହିବାକୁ ନେଇ ବବି ନିଜେ ଅସନ୍ତୁଷ୍ଟ ହେବା ଆଦି ପାଣ୍ଡିଆନଙ୍କ ରଣନୀତିର ଅଂଶବିଶେଷ ବୋଲି ଦଳର ବରିଷ୍ଠ ନେତାମାନେ ଅନୁଭବ କରିଥିବା ଜଣାପଡିଛି । ବବିଙ୍କୁ ବିରୋଧ କରି ଦଳ ଛାଡିଲେ ସାଧାରଣ ନିର୍ବାଚ଼ନରେ ପାଣ୍ଡିଆନଙ୍କ ଟିମ୍ ଓ ବବିଙ୍କ ଟିମର ଆଚ଼ରଣ ଓ ଉଚ୍ଚାରଣରେ ଦଳୀୟ କର୍ମୀ ଓ ନେତାମାନେ ଅତିଷ୍ଠ ହୋଇପଡିଥିଲେ । ବବି ଦଳର ସଂଗଠନ ସମ୍ପାଦକ ଥିଲେ ମଧ୍ୟ ସାଧାରଣ ନିର୍ବାଚ଼ନ ପୂର୍ବରୁ ତାଙ୍କୁ ଅନୁଗୁଳ,କେନ୍ଦୁଝର, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଥିଲା । ଏସବୁ ସ୍ଥାନରେ ବବି ତାଙ୍କର ଟିମ୍ ସଦସ୍ୟମାନଙ୍କୁ ନିୟୋଜିତ କରି ସଂଗଠନ ପରିଚ଼ାଳନା କରୁଥିଲେ । ଅପରିପକ୍ୱ ଓ ଅଣରାଜନୀତିକ ବ୍ୟକ୍ତିମାନଙ୍କ ବିଶୃଙ୍ଖଳିତ ଆଚ଼ରଣ ଯୋଗୁ ଏସବୁ ଜିଲ୍ଲାରେ ବିଜେଡି ସଂଗଠକମାନେ ଅସନ୍ତୁଷ୍ଟ ଥିଲେ ମଧ୍ୟ ଦଳୀୟ କାର୍ଯ୍ୟାନୁଷ୍ଠାନ ଭୟରେ ଚୁପ୍ ରହୁଥିଲେ । ସ୍ଥିତି ଏପରି ହୋଇଥିଲା ଯେ, ନିଜର ବ୍ୟବସାୟକୁ ନିୟନ୍ତ୍ରଣରେ ରଖିବା ପାଇଁ ବବି ମୟୂରଭଞ୍ଜ ଜିଲ୍ଲାର ଦାୟିତ୍ୱକୁ ନିଜ ଟିମ୍ ପାଖରେ ରଖିଥିଲେ । ଯଦିଓ ସାଧାରଣ ନିର୍ବାଚ଼ନର ପ୍ରାୟ ବର୍ଷକ ପୂର୍ବରୁ ଦଳର ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା ପ୍ରଶାନ୍ତ ମୁଦୁଲିଙ୍କୁ ଆନୁଷ୍ଠାନିକ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । କିନ୍ତୁ ବବି ନିଜର ପତିଆରା ଦେଖି ପ୍ରଶାନ୍ତଙ୍କୁ ଉକ୍ତ ଜିଲ୍ଲାର ସଂଗଠନ ଦାୟିତ୍ୱ ବୁଝିବା ତ ଦୂରର କଥା ଜିଲ୍ଲାର ସାଂଗଠନିକ କାର୍ଯ୍ୟରେ ମୁଣ୍ଡ ପୁରାଇବାର ସୁଯୋଗ ମଧ୍ୟ ଦେଇନଥିଲେ । ବବିଙ୍କ ବ୍ୟବସାୟିକ ଟିମ୍ ସଦସ୍ୟମାନେ ହିଁ ମୟୂରଭଞ୍ଜ ଜିଲ୍ଲାର ଦଳୀୟ ପ୍ରାର୍ଥୀଙ୍କ ଟିକେଟ୍ ଚ଼ୟନଠୁ ଆରମ୍ଭ କରି ସବୁ କିଛି ବୁଝିଥିଲେ ବୋଲି ଚ଼ର୍ଚ୍ଚା ହୁଏ । ଏସବୁକୁ ସହି ଦଳରେ ରହିଥିବା ନେତାମାନେ ଏବେ ପୁଣିଥରେ ବବିଙ୍କ ସଂଗଠନରେ ଏଂଟ୍ରି ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ବିକଳ୍ପ ବାଛିବାକୁ ବାଧ୍ୟ ହୋଇଥିବା ଜଣାପଡିଛି । କେବଳ ଉଦଳା ନୁହେଁ ବଡସାହି, ରାଇରଙ୍ଗପୁର, ବାରିପଦା ଓ ବଡଚ଼ଣା ବିଜେଡିର ଆଗଧାଡିର ଅଧିକାଂଶ ନେତା ମଧ୍ୟ ଏବେ ବିଜେପି ସହ ଯୋଗାଯୋଗରେ ରହିଥିବା ସୂଚ଼ନା ମିଳିଛି ।




# ଡ୍ରାଇଭର ସିଟରେ ଥାଇ ବି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇଲାନି ବିଜେପି

ଭୁବନେଶ୍ୱର,୭।୨(ପି.ଏନ): ୨୪ ବର୍ଷ ଧରି ଓଡ଼ିଶାର ଶାସନ ଭାର ସମ୍ଭାଳିଥିଲା ବିଜେଡି । କିନ୍ତୁ କେନ୍ଦ୍ରଠୁ ଯେତିକି ନ୍ୟାୟ ମିଳିବା କଥା ତାହା ମିଳିନି। ଯେତିକି ଆର୍ଥିକ ସହାୟତା ରାଜ୍ୟ ପାଇବା କଥା ତାହା ପାଇନାହିଁ। ଏକ ବେମାର ରାଜ୍ୟରୁ ଆର୍ଥିକ ପ୍ରଗତିପୂର୍ଣ୍ଣ ରାଜ୍ୟରେ ପରିଣତ କରିବାରେ ବିଜେଡି ସମର୍ଥ ହୋଇଥିବା ନୀତି ଆୟୋଗ ରିପୋର୍ଟ କହିଛି। ଠିକ ସମାନ ଢଙ୍ଗରେ ଏବେ ବି ବିଜେଡି ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ଷୋଡ଼ଶ ଅର୍ଥ କମିଶନଙ୍କ ନିକଟରେ ପ୍ରମୁଖ ଦାବି ଉପସ୍ଥାପନ କରିଛି ଦଳ। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା କିମ୍ୱା ଫୋକସ ଷ୍ଟେଟ ମାନ୍ୟତା ଦେବାକୁ ଅର୍ଥ କମିଶନଙ୍କ ନିକଟରେ ଦାବି କରାଯାଇଛି ।ନର୍ଥ ଇଷ୍ଟ ଓ ହିମାଳୟ ରାଜ୍ୟ ଭଳି ସ୍ୱତନ୍ତ୍ର ସହାୟତା ଦିଆଯାଉ । ଏଥିସହିତ କେନ୍ଦ୍ରୀୟ ରାଜସ୍ୱରୁ ରାଜ୍ୟର ଭାଗକୁ ସର୍ବନିମ୍ନ ୫୦ ପ୍ରତିଶତ କରିବାକୁ ଦାବି କରିଛି ଦଳ। କେନ୍ଦ୍ରୀୟ ଯୋଜନାର ଆର୍ଥିକ ଅନୁପାତ ବଢାଇବାକୁ ବିଜେଡି ଦାବି କରିଛି। ବିଜେଡି ରାଜ୍ୟର ସ୍ୱାର୍ଥ ପାଇଁ ଏତେ ସବୁ ପ୍ରମୁଖ ଦାବି କରିଥିବାରୁ ଖୋଦ ଅର୍ଥ କମିଶନ ବିଜେଡିକୁ ପ୍ରଶଂସା କରିଛନ୍ତି । କିନ୍ତୁ ଶାସନରେ ଥାଇ ରାଜ୍ୟର ସ୍ୱାର୍ଥ ସଂପର୍କରେ ପଦୁଟିଏ ବି ଦାବି ରଖି ନ ଥିବାରୁ ଉଭୟ ସରକାର ଓ ବିଜେପି ଉପରେ ବର୍ଷିଛି ବିଜେଡି । କହିଛି, ଏତେ ଡର କାହିଁକି ? ବିଜେପି ସ୍ମାରକପତ୍ରରେ କୌଣସି କଥାକୁ ସ୍ଥାନ ମିଳିନି । ଡବଲ ଇଞ୍ଜିନ ସରକାର ଆସିବା ପରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କିମ୍ୱା ଫୋକସ ଷ୍ଟେଟର ମାନ୍ୟତା ସାଙ୍ଗେ ସାଙ୍ଗେ ମିଳିଯିବ । କିନ୍ତୁ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନଥିଲା ବିଜେପିର ସ୍ମାରକପତ୍ର ।ରାଜ୍ୟରେ ୪୦ ପ୍ରତିଶତ ଅନୁସୂଚିତ ଜାତି, ଜନଜାତି ରହିଛନ୍ତି । ରୟାଲଟି, ପ୍ରଦୂଷଣ ସବୁ ସହିବା ପରେ ଓଡିଶାକୁ ଲାଭ କିନ୍ତୁ ମିଳୁନି। ଉତ୍ତରପୂର୍ବ ରାଜ୍ୟ ଭଳି ୯୦-୧୦ ଅନୁପାତରେ ଅନୁଦାନ ଦେବାକୁ ଦାବି କରିଛି ବିଜେଡି । ବିଜେଡିର ଦାବିକୁ ରାଜ୍ୟ ସରକାର ଅନୁଭବ କରିବା ଦରକାର । କେନ୍ଦ୍ର ପାଖରେ ସେହି ଦାବି ଉପସ୍ଥାପନ କରିବା ଦରକାର ବୋଲି କୁହାଯାଇଛି । ସେପଟେ ଏମଏସଏମଇ କ୍ଷେତ୍ରକୁ ବ୍ୟାଙ୍କମାନେ ଗୁରୁତ୍ୱ ଦେଉ ନାହାନ୍ତି । କ୍ରେଡିଟ ସହଜରେ ଦେଉ ନାହାନ୍ତି ବୋଲି କମିଶନଙ୍କ ନିକଟରେ କ୍ଷୋଭ ପ୍ରକାଶ କରିଛି ଉତ୍କଳ ଚ଼ାମ୍ବର ଅଫ କମର୍ସ। ଅତ୍ୟାଧୁନିକ ଟେକ୍ନୋଲୋଜି ପାଇଁ ହ୍ୟାଣ୍ଡ ହୋଲଡିଂ, ଜମି ଓ କ୍ଲିଅରାନ୍ସ ସହ ବିଭିନ୍ନ ଷ୍ଟ୍ରାଟେଜିକ ଲୋକେସନରେ କ୍ଲଷ୍ଟରର ବିକାଶ ପାଇଁ ଦାବି ହୋଇଛି ।ପଂଚ଼ାୟତ ଓ ପୌରସଂସ୍ଥା ଭଳି କ୍ଷେତ୍ରକୁ ମିଳୁଥିବା ୪ ପ୍ରତିଶତ ଆର୍ଥିକ

# ରାଜ୍ୟ ମନ୍ତ୍ରିମଣ୍ଡଳରେ ହେବ କି ସମ୍ପ୍ରସାରଣ: ସଙ୍କେତ ଦେଲେଣି ଶାସକ ଦଳର ଏକାଧିକ ବିଧାୟକ

ଭୁବନେଶ୍ୱର,୭।୨(ପି.ଏନ): ରାଜ୍ୟ ମନ୍ତ୍ରିମଣ୍ଡଳର ହେବ କି ସଂପ୍ରସାରଣ ସଙ୍କେତ ଦେଲଣି ଶାସକ ବିଧାୟକ । କହିଲେ ମନ୍ତ୍ରୀଙ୍କୁ ଏକାଧିକ ବିଭାଗ ନେଇ ପଡୁଛି ଚ଼ାପ । କାହାକିଁ ହୋଇପାରୁନି ମନ୍ତ୍ରୀମଣ୍ଡଳ ପୂରଣ ବୋଲି ଉଠିଲାଣି ପ୍ରଶ୍ନ । ଧାନର କଟନି ଛଟନି, ଦରଦାମ ଓ ଆଳୁ ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀ କୃଷ୍ଣପାତ୍ରଙ୍କ ବୟାନବାଜି ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବା ସହ ବଦନାମ କରିଛି । ଧାନ ମଣ୍ଡି ନେଇ ଚ଼ାଷୀ ଅସନ୍ତୋଷ ଓ ଦରଦାମ ନେଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଯୋଗାଣମନ୍ତ୍ରୀଙ୍କ ବେଫିକର ବୟାନବାଜି ସରକାରଙ୍କୁ ଚ଼ିନ୍ତାରେ ପକାଇଛି । ଅନ୍ୟପଟେ ଧାନରେ କଟନି ଛଟନି ହେଉଥିବା କହି ବିଜେପି ସରକାରଙ୍କ ବିଫଳତାକୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଯୋଗାଣ ମନ୍ତ୍ରୀ ପଦାକୁ ଆଣିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ



କରି ଅନେକ ମନ୍ତ୍ରୀଙ୍କ ପାଖରେ ଏକାଧିକ ବିଭାଗ ଥିବାରୁ ଚ଼ାପ ବଢୁଥିବା ସୂଚ଼ନା ରହିଛି ।ଏହାରି ଭିତରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ନେଇ ପାୱାର କରିଡରେ ଆରମ୍ଭ ହୋଇଛି ଚ଼ର୍ଚ୍ଚା । ମୋହନଙ୍କ ଅଧାଗଢା ମନ୍ତ୍ରିମଣ୍ଡଳକୁ ନେଇ ମୁହଁ ଖୋଲିଲେଣି ଦଳୀୟ ବିଧାୟକ। ୬ମନ୍ତ୍ରୀ ପଦ ଖାଲିପଡିଥିବା ବେଳେ ବିଜେପି ବିଧାୟକ ଅଶ୍ୱନୀ କୁମାର ଷଡଙ୍ଗୀ କହିଛନ୍ତି ଯେ ଓଡିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରିବେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଠିକ ସମୟରେ ଠିକ ନିଷ୍ପତି ନେବେ । ସେହିପରି ବିଜେପି ବିଧାୟକ ସନ୍ତୋଷ ଖଟୁଆ କହିଛନ୍ତି ଯେ ମନ୍ତ୍ରୀମାନେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ନିଜ ନିର୍ବାଚ଼ନୀ ମଣ୍ଡଳୀ ଯାଇପାରୁନାହାନ୍ତି ।ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଚ଼ର୍ଚ୍ଚାକୁ ନେଇ ଶାସକ ଦଳରେ ଗୁଞ୍ଜରଣ ଆରମ୍ଭ ହେବା ପରେ ବହୁ ବରିଷ୍ଠ ଓ ଆଶାୟୀ ବିଧାୟକମାନେ ମୁହିଁ ଖୋଲିଛନ୍ତି । ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ କି ନାହିଁ ତାହା ମୁଖ୍ୟମନ୍ତ୍ରୀଙ୍କ ଇଛାଧିନ ବ୍ୟାପାର । ହେଲେ ବିଜେପିରେ କର୍ମବୀର ନେତା ଅଛନ୍ତି , ଯେଉଁ ଦାୟିତ୍ୱ ଦିଆଯିବ ତାହା ସେମାନେ ତୁଲାଇବେ । ସେହିପରି ବିଧାୟକ ଫକୀର ମୋହନ ନାୟକ କହିଛନ୍ତି ଯେ ଦଳ ଯଦି ତାଙ୍କୁ ଦାୟିତ୍ୱ ଦେବେ ତେବେ ସେ ପ୍ରସ୍ତୁତ ଅଛନ୍ତି ଦାୟିତ୍ୱ ନେବାକୁ । ମନ୍ତ୍ରୀ ପଦ ଆଶାରେ ଥିବା ବିଧାୟକମାନେ ଜଣକ ପରେ ଜଣେ ଧୀରେଧୀରେ ମୁହଁ ଖୋଲିବା ପରେ ବିଜେପିର ଶୀର୍ଷ ନେତୃତ୍ୱ ଚ଼ାପରେ ପଡିଛନ୍ତି । ସେପଟେ ସମୟ ଦେଖି ବିଜେପିକୁ କଟାକ୍ଷ କରିଛି ବିଜେଡି ।ବ୍ୟବସ୍ଥା ଅନୁସାରେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଇ ୨୧ ଜଣ ମନ୍ତ୍ରୀ ରହିପାରିବେ । ମୋହନଙ୍କ ମନ୍ତ୍ରିମଣ୍ଡଳରେ ୧୫ ଜଣ ମନ୍ତ୍ରୀ ସ୍ଥାନ ପାଇଛନ୍ତି। ଅଧାଗଢା ମନ୍ତ୍ରିମଣ୍ଡଳକୁ ନେଇ ବିଜେପି ସରକାର ଚ଼ାପରେ ଅଛି । ମନ୍ତ୍ରିମଣ୍ଡଳରେ ୧୭ଟି ଜିଲ୍ଲା ମନ୍ତ୍ରୀଶୂନ୍ୟ । ଏହାରି ଭିତରେ କିଛି ଦିନର ବ୍ୟବଧାନ ପରେ ବିଧାୟକମାନେ ମୁହଁ ଖୋଲିବା ଓ ମନ୍ତ୍ରିମଣ୍ଡଳ ଚ଼ର୍ଚ୍ଚା ଆରମ୍ଭ ହେବା ଶାସକ ଦଳର ରାଜନୀତିକୁ ଉଷ୍ମ କରିଛି ।

# ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଲୁଚ଼ିଛନ୍ତି ମାଓବାଦୀ, ସୁରକ୍ଷାକର୍ମୀଙ୍କ କମ୍ବିଂ ଅପରେଶନ ଜାରି



ବଲାଙ୍ଗିର,୭।୨(ପି.ଏନ): ଗନ୍ଧମାର୍ଦ୍ଦନରେ ସୁରକ୍ଷାକର୍ମୀ ମାଓବାଦୀ ମୁହାଁମୁହିଁ । ବଲାଙ୍ଗିର ଜିଲ୍ଲା ହନୁପାଲି ଗାଁ ଜଙ୍ଗଲରେ ଗୁଳିମିନିମୟ ।ଜଙ୍ଗଲରେ ମାଓବାଦୀ ଲୁଚ଼ିଥିବା ଖବର ପାଇ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା କମ୍ବିଂ ଅପରେସନ୍ । ଛତିଶଗଡର ବୀଜାପୁର ଜିଲ୍ଲାରେ ଶନିବାର ଦିନ ସୁରକ୍ଷାକର୍ମୀଙ୍କ ସହ ମୁହାଁମୁହିଁ ସମୟରେ ୮ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହି ୮ଜଣଙ୍କ ଉପରେ ୧୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା ।ଛତିଶଗଡର ଟୋଡକା ଗ୍ରାମ ପାଖରେ ଥିବା ଜଙ୍ଗଲରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ମାଓବାଦୀ ସଂଗଠନର ଆଠଜଣ ସଦସ୍ୟଙ୍କୁ ସୁରକ୍ଷାକର୍ମୀ ନିହତ କରିଛନ୍ତି ।ଜଣେ ବରିଷ୍ଠ ପୋଲିସ ଅଧିକାରୀ ରବିବାର ଦିନ କହିଛନ୍ତି ଯେ, ମାଓବାଦୀ କମଲେଶ ନୀଳକଣ୍ଠଙ୍କ ଉପରେ ୫ ଲକ୍ଷର ପୁରସ୍କାର ରାଶି ଥିଲା। ସେହିପରି ଅନ୍ୟ ଦୁଇ ନକ୍ସଲଙ୍କ ମୁଣ୍ଡରେ ୩-୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।

# ଗିରଫ ହେଲେ ଟିକେଟ୍ କଳାବାଜାରୀ, ୧୧ ଶହରେ କିଣି ୭୦୦୦ ଟଙ୍କାରେ କରୁଥିଲେ ବିକ୍ରି

କଟକ,୭।୨(ପି.ଏନ): ମଝିରେ ଆଉ ଗୋଟିଏ ଦିନ। ତା ପରେ ବାରବାଟୀରେ ଦେଖିବାକୁ ମିଳିବ ଦୁଇ ଦଳ ମଧ୍ୟରେ ଧୁଆଁଦାର ଲଢେଇ। ଷ୍ଟାଡ଼ିୟମ ପରିସରରେ ବି ଦେଖିବାକୁ ମିଳିବ କ୍ରିକେଟ ପ୍ରେମୀଙ୍କ ହୋ ହଲ୍ଲା। ହେଲେ ତା ପୂର୍ବରୁ ଗିରଫ ହୋଇସାରିଛନ୍ତି ଟିକେଟ କଳାବଜାରୀ ।ହିଁ ଲୋକଙ୍କ ସହ ଦଲାଲୀ କରୁଛନ୍ତି କିଛି ଲୋକ। ଯେଉଁମାନେ କି ଫେବୃଆରୀ ୯ ତାରିଖରେ ହେବାକୁ ଥିବା ଓ୍ୱାନଡ଼? ମ୍ୟାଚ୍ ପାଇଁ ଟିକେଟ କଳାବଜାରୀ କରୁଛନ୍ତି। ଆଉ ୧୧ ଶହ ଟଙ୍କାରେ ଟିକେଟ କିଣି ୭ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଏକଥା ଜାଣିବା ପରେ ୭ଜଣଙ୍କୁ ଗିରଫ କରିଛି କ୍ୟାଣ୍ଟନମେଣ୍ଟ ପୋଲିସ।

ଗିରଫ କଲା ପୋଲିସ: ଆପଣମାନେ ନିଜେ ଦେଖିଥିବେ ବାରବାଟୀରେ ହେବାକୁ ଥିବା ମ୍ୟାଚ୍ ପାଇଁ ଲୋକଙ୍କ ଭିତରେ କି ପ୍ରକାର କ୍ରେଜ ରହିଛି। ଦୁଇ ଦିନ ଧରି ଅଫଲାଇନରେ ଟିକେଟ ବିକ୍ରି ହେବାକୁ ଥିବା ବେଳେ, ଲୋକଙ୍କ ମଧ୍ୟରେ ଏତେ ଆଗ୍ରହ ଥିଲା ଯେ ଠେଲାପେଲା ପରିସ୍ଥିତି ଉପୁଜିଥିଲା ।ଆଉ ଗୋଟିଏ ଦିନରେ ହିଁ ୧୨୦୦୦ ଟିକେଟ ବିକ୍ରି ହୋଇଯାଇଥିଲା। ଅନେକ ଲୋକ ରାତି ଅନିଦ୍ରା ହୋଇ ଭୋକ ଉପାସରେ ପଡିରହିଥିଲେ ସୁଦ୍ଧା ଟିକେଟ ନପାଇ ନିରାଷ ହୋଇ ଘରକୁ ଫେରିଥିଲେ ।ଆଉ ଏବେ ସେହିଭଳି କିଛି କ୍ରିକେଟ ପ୍ରେମୀଙ୍କ ଅସହାୟର ଫାଇଦା ଉଠାଇଛନ୍ତି କିଛି ଲୋକ। ୧୧୦୦ ଟଙ୍କାରେ ଟିକେଟ କିଣିଛନ୍ତି। କିନ୍ତୁ ଲୋକଙ୍କ ସହ ହଜାର ହଜାର ଟଙ୍କାର ଡିଲ୍ କରୁଛନ୍ତି ।ଯାହାର ସୁରାକ ପହଞ୍ଚିଥିଲା ପୋଲିସ ପାଖରେ। ଆଉ ଲୋକଙ୍କ ସହ ଟିକେଟ ପାଇଁ ଡିଲ୍ କରୁଥିବା ବେଳେ, କିଛି କଳାବଜାରୀଙ୍କୁ ଧରିଥିଲା ପୋଲିସ। ଆଉ ସେମାନଙ୍କ ଭିତରୁ ୭ ଜଣଙ୍କୁ ଗିରଫ କରାଯାଇଥିବା ସୂଚ଼ନା ମିଳିଛି ।ଜବତ ସାମଗ୍ରୀ: କ୍ୟାଣ୍ଟନମେଣ୍ଟ ପୋଲିସ ପ୍ରଥମେ ୪ ଜଣଙ୍କୁ ଅଟକ ରଖିଥିଲା। ସେମାନଙ୍କ ପାଖରୁ ୨୫ଟି ଟିକେଟ ସହିତ ୩୦ ହଜାର ଟଙ୍କା ଜବତ କରାଯାଇଛି। ବାରବାଟୀ ଦିନିକିଆରେ ଚ଼ଳିତ ବର୍ଷ ଟିକେଟ ପାଇଁ ଅନେକ ଅବ୍ୟବସ୍ଥା ସାମନାକୁ ଆସିଛି ।ମାତ୍ର ୧୫ ହଜାର ୮୦ଟି ଟିକେଟ ବିକ୍ରି ହୋଇଥିବା ବେଳେ ୩୦ ହଜାର ପାଖାପାଖି ପାସ୍ ବଣ୍ଟା ଯାଇଛି। ଫଳରେ ଅନେକ କ୍ରିକେଟ ପ୍ରେମୀଙ୍କୁ ନିରାଶ ହେବାକୁ ପଡିଛି। ଅନେକ କ୍ରୀଡାପ୍ରେମୀ ନିରାଶ ହୋଇଥିବା ବେଳେ ସୁଯୋଗର ଫାଇଦା ଉଠାଇବାକୁ ଚେଷ୍ଟା କରିଛନ୍ତି ଟିକେଟ କଳାବଜାରୀ।

# କଟକ-ଭୁବନେଶ୍ୱର ହେବ ଏ-କ୍ଲାସ ସିଟି, ଖର୍ଚ୍ଚ ହେବ ୧୦ କୋଟି

ଭୁବନେଶ୍ୱର,୭।୨(ପି.ଏନ): ରାଜଧାନୀ ଭୁବନେଶ୍ୱର, କଟକ, ପୁରୀକୁ ଭିଡ଼ ମୁକ୍ତ ପାଇଁ ଆରମ୍ଭ ହେଲା ପ୍ରକ୍ରିୟା । ଏନେଇ ସୂଚ଼ନା ଦେଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ।ଟ୍ୱିନସିଟିରେ ଖର୍ଚ୍ଚ ହେବ ୧୦ କୋଟି- ଭୁବନେଶ୍ୱରରେ ଖର୍ଚ୍ଚ ହେବ ୭ ହଜାର କୋଟି ଟଙ୍କା । ସେହିପରି କଟକରେ ବି ସାଢେ ୩ ହଜାର କୋଟି



ଟଙ୍କା ଖର୍ଚ୍ଚ ହେବ ।କଟକ ଏବଂ ଭୁବନେଶ୍ୱରକୁ ଏ-କ୍ଲାସ ସିଟି ଭାବେ କିପରି ପରିଚ଼ିତ ହେବ ସେନେଇ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଅଧୀନ ସମସ୍ତ ରାସ୍ତାକୁ ସମତଳ କରାଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ସୂଚ଼ନା ଦେଇଛନ୍ତି।






# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା ।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା**: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# "ଉତ୍ତ୍ର" ତରଫରୁ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀରେ ନୂତନ ବସ୍ତ୍ର ବଂଟନ



ଭୁବନେଶ୍ୱର (ପିଏନ୍): ଓଡିଆ ସିନେ ଜଗତର ବର୍ଷୀଆନ ଲୋକପ୍ରିୟ ଅଭିନେତ୍ରୀ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନ ଅକ୍ଟୋବର ୧ । ସେହି ଦିନକୁ ମନେରିଖିବା ପାଇଁ ଆଜି "ଉତ୍ତ୍ର ଚାରିଟେବୁଲ୍ ଟ୍ରଷ୍ଟ"ର ପରାମର୍ଶଦାତା ତଥା "ମୋ କଲେଜ" ଅଧ୍ୟକ୍ଷ (ଓଡିଶା ସରକାର) ଆକାଶ ଦାସନାୟକଙ୍କ ନେତୃତ୍ୱରେ "ଉତ୍ତ୍ର" ତରଫରୁ ଭୁବନେଶ୍ୱର ମହାନଗର ନିଗମ, ୱାର୍ଡ ନଂ-୮ (ଚନ୍ଦ୍ରଶେଖରପୁର) ସ୍ଥିତ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀ "ଜାତୀୟ ସହରାଂଚଳ ଜୀବିକା ମିଶନ୍"ର ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଆଶ୍ରୟସ୍ଥଳୀର ଅନ୍ତେବାସୀଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ "ଉତ୍ତ୍ର ଚାରିଟେବୁଲ ଟ୍ରଷ୍ଟ"ର ଏହା ଥିଲା ଏକ ନିଆରା ପ୍ରୟାସ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନକୁ ମନେ ପକାଇବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନପୂର୍ବକ ସ୍ମୃତିଚାରଣ କରିଥିଲେ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ବସ୍ତ୍ର ବଂଟନ କାର୍ଯ୍ୟକ୍ରମରେ "ଉତ୍ତ୍ର ଚାରିଟେବୁଲ ଟ୍ରଷ୍ଟ"ର ପରାମର୍ଶଦାତା ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ସତ୍ୟ ସୁମନ, ଅସିତ୍ ସାହୁ, କିଶୋର ଦାସ, ଭାଗ୍ୟଧର ସାମଲ, ସଂଘମିତ୍ରା ପ୍ରମୂଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

# ସାତ ମାସ ବିତିଯାଇଥିଲେ ମଧ ଗଠନ ହୋଇପାରିଲା ନାହିଁ ଶ୍ରୀ ଶ୍ରୀ ବଳଦେବଜୀଉ ଓ ହନୁମାନ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ

ମାହାଙ୍ଗା ,(ପି.ଏନ) : ମାହାଙ୍ଗା ବ୍ଲକ ଉମର ପଂଚାୟତର ଉମରସ୍ଥିତ ପର୍ଯ୍ୟଟନସ୍ଥଳୀ ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ଗଠନ କରାନଯିବାରୁ ମନ୍ଦିରର ବହୁ ନିତିକାନ୍ତୀରେ ବିଭ୍ରାଟ ଘଟୁଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ସହକାରୀ ଦେବୋ□ର କମିଶନର କଟକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ ସହକାରୀ ଦେବୋ□ର କମିଶନର, ଏଣ୍ଡୋମେ□ କଟକଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ତା.୭.୬.୨୦୨୪ ରିଖରେ ସମୂହ ଇସ୍ତଫା ପ୍ରଦାନ କରିଥିଲେ । ଇତି ମଧ୍ୟରେ ସାତମାସ ବିତିଯାଇଥିଲେ ମଧ ମନ୍ଦିର ପରିଚାଳନା ଦାୟିତ୍ୱ ପୂଜକମାନଙ୍କ ଉପରେ ନ୍ୟସ୍ତ କରି ବିଭାଗ ଅଚିନ୍ତାରେ ଶୋଇଛି । ନୂଆ ଟ୍ରଷ୍ଟବୋର୍ଡ ଗଠନ ପାଇଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଏହାର ଫାଇଦା କିଛି ମୁଷ୍ଟିମେୟ ବ୍ୟକ୍ତି ଉଠାଉଛନ୍ତି । ମନ୍ଦିର ପରିସରରେ ବିବାହ ଉତ୍ସବ, ଗାଡିପୂଜା, ନିର୍ବନ୍ଧ ଏପରିକି ମଙ୍ଗଳବାର, ସଂକ୍ରାନ୍ତୀ ଓ ଶନିବାର ଦିନ ଭକ୍ତମାନଙ୍କ ଦ୍ୱାରା କରାଯାଉଥିବା ଚୁଡୁମୁଆଁ ଭୋଗର ମହାସୁଲ କେଉଁମାସରେ କେତେ ଆଦାୟ କରାଯାଇଛି ଓ କାହାପାଖରେ ଏହି ଅର୍ଥ ରହିଛି ସେନେଇ ସାଧାରଣରେ ଆଲୋଚନା ହେଉଥିଲା ବେଳେ ମନ୍ଦିର ପରିସରରେ ଦୀର୍ଘବର୍ଷ ଧରି ହୋଇଆସୁଥିବା ଅଷ୍ଟପ୍ରହର ନାମଯଜ୍ଞ ଏବର୍ଷ ସଂପୂର୍ଣ୍ଣ ବନ୍ଦ୍ ହୋଇଯାଇଛି । ମନ୍ଦିର ଭିତରେ ଲାଗିଥିବା ସିସି ଟିଭିକୁ ଅଚଳ କରିଦିଆଯାଇଥିବା ଅଭିଯୋଗ ହେଉଛି । ବଳଦେବଜୀଉଙ୍କ ରଥଯାତ୍ରା ନିମନ୍ତେ ମାନ୍ୟବର ଦେବୋ□ର କମିଶନର ନିର୍ଦ୍ଦେଶ ନଂ ୪୯୭୬/୧୪୨ ସଏମ୍. ତା.୨୫.୦୬.୨୦୨୪ ରିଖ ମୁତାବକ ମାହାଙ୍ଗା ତହସିଲଦାରଙ୍କୁ ରଥଯାତ୍ରା ପାଇଁ ସାମୁହିକ ମଧ୍ୟବ□ୀ କାଳିନ ଟ୍ରଷ୍ଟୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ରଥଯାତ୍ରା ଶେଷ ପରେ ବ□ମାନ ମନ୍ଦିର ପରିଚାଳନାରେ ବିଭ୍ରାଟ ଦେଖାଦେଇଛି । ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବା ସହ ମନ୍ଦିରର ସୁପରିଚାଳନା ନିମନ୍ତେ ନୂତନ ପରିଚାଳନା କମିଟି ଗଠନ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

# ଚେୟାର ପଡିଛି ଫାଙ୍କା ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାହାଙ୍ଗା ବ୍ଲକରେ ପ୍ରହସନରେ ପରିଣତ

ମାହାଙ୍ଗା ୫.୨ : ରାଜ୍ୟ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ପକ୍ଷରୁ ଶୁଭାରମ୍ଭ ହୋଇଥିବା ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ ସହିତ ବ୍ଲକ ସ୍ତରୀୟ ସିଧା ପ୍ରସାରଣ ମାଧମରେ ଲୋକମାନେ ଏହି କାର୍ଯ୍ୟକ୍ରମରେ ଯୋଡି ହେବାର ଲକ୍ଷ୍ୟ ନେଇ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିଲା । ବ୍ଲକ କାର୍ଯ୍ୟାଳୟରେ ସିଧାପ୍ରସାରଣ ଏଲ୍.ଇ.ଡି. ମାଧମରେ ଦେଖିବା ପାଇଁ ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣର ସିଧାପ୍ରସାରଣ ଦେଖିବା ଓ ଶୁଣିବାକୁ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟେନ୍ଦୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କରେ ମତବ୍ୟକ୍ତ କରିଥିଲେ । ପା□ ବର୍ଷ ପର୍ଯ୍ୟନ୍ତ ଯୋଜନା କାର୍ଯ୍ୟକାରୀ କରାଯିବା ଏବଂ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାହାଙ୍ଗାର ଭାରପ୍ରାପ୍ତ ଏବିଡିଓ କଳ୍ପତରୁ ମଙ୍ଗରାଜ, ତହସିଲଦାର ସୁସାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ମ□ସ୍ଥଳରେ ଚେୟାର ଫାଙ୍କା ପଡିଥିବା ଦେଖିବାକୁ ମିଳିଥିଲା । ସାଧାରଣରେ ଚର୍ଚ୍ଚା ହେଉଥିଲା ଯେ ଏ ସଂପର୍କରେ ବ୍ଲକ ପ୍ରଶାସନ ପୂର୍ବରୁ ଲୋକମାନଙ୍କୁ କୌଣସି ସୂଚନା ଦେଇନଥିଲେ । ଏପରିକି ଗଣମାଧମର ପ୍ରତିନିଧିଙ୍କୁ ମଧ କାର୍ଯ୍ୟକ୍ରମ ସଂପର୍କରେ କୌଣସି ସୂଚନା ପ୍ରଦାନ କରାଯାଇନଥିଲା । କେବଳ ବିଧାୟକଙ୍କ ସମର୍ଥକମାନଙ୍କୁ ମ□ ସମ୍ମୁଖରେ ବସିଥିବାର ଦେଖିବାକୁ ମିଳିଥିଲା । ବିକଶିତ ଗାଁ, ବିକଶିତ ଓଡିଶା ମାହାଙ୍ଗା ବ୍ଲକରେ ବହୁ ଆଡମ୍ବରରେ ଲଘୁକ୍ରିୟା ପାଳଟିଥିବା ଲୋକେ କହୁଥିଲା ବେଳେ ଏଥିରୁ ସ୍ପଷ୍ଟଅନୁମେୟ ଯେ ଆଗାମୀ ଦିନରେ ମାହାଙ୍ଗାର ବିକାଶ ହେବ ନା ବିନାଶ ହେବ ।

# ବଦଳିଲେ ମାହାଙ୍ଗା ବି.ଇ.ଓ. : ଅଭିଯୋଗର ତଦନ୍ତ ହେବ କେବେ ?

ମାହାଙ୍ଗା (ପି.ଏନ):: ରାଜ୍ୟ ସରକାର ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ବ୍ଲକ ଶିକ୍ଷାଧିକାରୀମାନଙ୍କର ବଦଳି ପାଇଁ ନିର୍ଦ୍ଦେଶନାମା ବାହାର କରିଛନ୍ତି । ମାହାଙ୍ଗା ବ୍ଲକରେ କାର୍ଯ୍ୟ କରୁଥିବା ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କ ସ୍ଥାନରେ ନୂତନ ବ୍ଲକ ଶିକ୍ଷାଧିକାରିଣୀ ଭାବେ ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ସରକାରଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶନାମାରେ ପ୍ରକାଶ ପାଇଛି । ହେଲେ ଏପର୍ଯ୍ୟନ୍ତ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କୁ କେଉଁ ସ୍ଥାନକୁ ବଦଳି କରାଯାଇଛି ସେ ସଂପର୍କୀତ ତଥ୍ୟ ଜଣାପଡିନାହିଁ । ଅପରପକ୍ଷରେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କ ବିରୁଦ୍ଧରେ ତା.୧୮.୦୭.୨୦୨୪ ରିଖରେ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୨୫୯୩,ତା.୨୯.୦୮.୨୦୨୪ ରିଖ ସୂଚନା ତଥ୍ୟରେ ଦର୍ଶାଯାଇଥିଲା ଯେ କାର୍ଯ୍ୟାଳୟର ଡାଏରୀ ସଂଖ୍ୟା ୪୯୩୨/ସିଏମ୍.ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରେରଣ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୨୧୮୮୭, ତା.୩୧.୦୮.୨୦୨୪ ରିଖରେ ଲୋକ ସୂଚନା ଅଧିକାରୀ ଇନ୍ ଚାର୍ଜ ସେକ୍ସନ ଆଇ.ଭି. ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସୂଚନା ତଥ୍ୟ ପ୍ରଦାନ ନିମନ୍ତେ ପଠାଯାଇଥିଲା । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ୨୦୭୩୬, ତା.୦୫.୧୦୨୦୨୪ ରିଖରେ ଜିଲ୍ଲା ଶିକ୍ଷାଧିକାରୀ କଟକଙ୍କୁ ପ୍ରଦାନ କରାଯାଇଥିଲା ବୋଲି ସୂଚନା ତଥ୍ୟ ଦିଆଯାଇଥିଲା । ଅଭିଯୋଗର କୌଣସି ତଥ୍ୟ ନପାଇବାରୁ ପୁନର୍ବାର ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆଇ.ଡି.ସି.ଏମ୍.ଓ. ୨୦୨୪୧୦୧୬୫୫୬୭ରେ କଟକ ଜିଲ୍ଲାପାଳଙ୍କୁ ପଠାଯାଇଥିବା ଏସ୍ ଏମ୍ ଏସ୍‌ରେ ସୂଚନା ଦିଆଯାଇଥିଲା । ଏପରିକି ମାହାଙ୍ଗା ଅଂଚଳବାସୀଙ୍କ ପକ୍ଷରୁ ତା. ୨୮.୧୧.୨୦୨୪ ରିଖରେ କଟକ ଜିଲ୍ଲାପାଳ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା । ଏତେ ଅଭିଯୋଗ ପରେ ବି ଅଭିଯୋଗର ତଦନ୍ତ ନକରି ରାଜ୍ୟ ସରକାର ଓ ଶିକ୍ଷା ବିଭାଗ କିଭଳି ଭାବରେ ବହୁ ଚର୍ଚ୍ଚିତ ଶିକ୍ଷାଧିକାରୀଙ୍କ ପଦୋନ୍ନତି କରିଛନ୍ତି । ମାହାଙ୍ଗା ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ସଂପୃକ୍ତ ଶିକ୍ଷାଧିକାରୀ ସଂପୂର୍ଣ୍ଣ ଧ୍ୱଂସ କରିଥିବା ଅଭିଯୋଗ ହେଉଛି । ଜାଲ୍ ଭାଉଚର ମାଧମରେ ଲକ୍ଷ ଲକ୍ଷ ଟଙ୍କା ହେରଫେର କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା ।

# ଉପାସ୍ୟଙ୍କ ପୂଣ୍ୟବ୍ରତ ବନାମ ଶାନ୍ତିର ପୁରୋହିତ

**ଗାନ୍ଧିଜୀ: ଉପାସ୍ୟଙ୍କ ପୂଣ୍ୟବ୍ରତ–**

ଗାନ୍ଧିଜୀ, ଜାତିର ପିତା, ସବୁରି ତୁଣ୍ଡରେ 'ବାପୁ' ଯାହାଙ୍କର ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାରେ ତଥା ବିନା ରକ୍ତପାତରେ ସ୍ୱାଧୀନତା ଆଣିବାରେ ପଟ୍ଟାନ୍ତର ନାହିଁ, ଯିଏ ନିଜ ପାଇଁ ରଚି ଯାଇଛନ୍ତି ଇତିହାସ ଏବଂ ନିଜେ ଜଣେ ଦେଶ ଓ ବିଶ୍ୱ ପାଇଁ କିମ୍ବଦନ୍ତୀ ପୁରୁଷ, ସିଏ ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋର



ବନ୍ଦର ଠାରେ ଜନ୍ମ ହୋଇଥିଲେ। ତାଙ୍କର ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଏବଂ ମାତାଙ୍କ ନାମ ପୁତୁଲୀ ବାଇ ଏବଂ ତାଙ୍କ ନିଜର ପୂରାନାମ ମୋହନ ଦାସ କମରଚାନ୍ଦ ଗାନ୍ଧୀ; କିନ୍ତୁ ତାଙ୍କର ବିଶ୍ୱବ୍ୟାପି କାର୍ଯ୍ୟ କୁଶଳତା ତଥା ବ୍ୟକ୍ତିତ୍ୱ ପାଇଁ ସାର୍ବଜନୀନ ଏବଂ ସାଧାରଣ ଭାବରେ "ମହାତ୍ମାଗାନ୍ଧି" ଭାବେ ବିଶ୍ୱରେ ସମ୍ବୋଧିତ ଓ ପରିଚିତ ହୋଇଛନ୍ତି।

'ଗାନ୍ଧିଜୀଙ୍କର ଅହିଂସା' ଏବଂ 'ସତ୍ୟ'ର ଦର୍ଶନତତ୍ୱ ଉପରେ ଗଭୀର ବିଶ୍ୱାସ ଥିଲା। ସେହି ଦୁଇଟିକୁ ଆଧାର କରି ଯେଉଁ ଆନ୍ଦୋଳନ ସେ ଭାରତର ସ୍ୱାଧୀନତା କ୍ଷେତ୍ରରେ ଚଳାଇଥିଲେ, ତାକୁ ସତ୍ୟାଗ୍ରହ କୁହାଯାଏ। ତାଙ୍କ ବିଶ୍ୱାସରେ ସତ୍ୟ ଏବଂ ଅହିଂସା ଏକମାତ୍ର ବିଶ୍ୱଶାନ୍ତିର ଆଧାର। ସତ୍ୟ ଓ ଅହିଂସା ତାଙ୍କ ମତରେ କହିବା ସହଜ ହୋଇପାରେ; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ବହୁତ କଠିନ। ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର ଏବଂ ଶେଷରେ ସତ୍ୟ ଓ ଅହିଂସାର ହିଁ ଜୟ ହୋଇଥାଏ। ଏହା ସମସ୍ତ ଶକ୍ତିଶାଳୀ ଅସ୍ତ୍ରମାନଙ୍କ ମଧ୍ୟରେ ମହାଶକ୍ତିଶାଳୀ। ବିଶ୍ୱର ମଙ୍ଗଳାର୍ଥେ ଏହା ହିଁ ଏକ ନୂତନ ଆବିଷ୍କାରର ପବିତ୍ର ଶାନ୍ତିର ଅସ୍ତ୍ର। ଏଣୁ ଯିଶୁଙ୍କ ପରି ଶାନ୍ତିର ବାର୍ତ୍ତା ଧରି ସେ ପଦାର୍ପଣ କରିଥିଲେ ଏହି ଭାରତ ଭୂଖଣ୍ଡରେ ଏବଂ ବିଶ୍ୱଶାନ୍ତି ପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ପ୍ରାଣବଳି ଦେଲାପରି ସେ ମଧ୍ୟ ଆତତାୟୀର ଗୁଳିଚୋଟରେ ଚିରଶାନ୍ତି ଲଭିଲେ। ଏକଦା ସେ କହିଥିଲେ: ଏମିତି ଜଣେ ପବିତ୍ର ବ୍ୟକ୍ତିତ୍ୱ କେହି ନାହିଁ ଯିଏ ନିଜ ଜୀବନର ମୂଲ୍ୟବାନ ସଂପଦ–ଜୀବନକୁ ଦେବାରେ କୁଣ୍ଠାବୋଧ କରେନାହିଁ। ମୋର ବିଶ୍ୱାସ ଏବଂ ପ୍ରାର୍ଥନା ଯେ ମୋ ପାଖରେ ସେ ପବିତ୍ରତାକୁ ପ୍ରମାଣ କରିବାରେ ଅବସାଦ ବି ନାହିଁ । (No man if he is pure has anything and precious to give than his life. I hope and pray that I have the purity in me to justify the step). ସେ ଏକଥା ମଧ ଜୀବନରେ ପ୍ରମାଣ କରାଇଦେଲେ।

ମହତ୍ମା ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିବା ଏକ ବଡ କଠିନ ବ୍ୟାପାର। ଏଇଟା ଯେମିତି ଗୋଟାଏ ପୃଥିବୀକୁ ହାତ ପାପୁଲିରେ ଧରିବା ସଦୃଶ ହେବ। ତେବେ ସଂକ୍ଷେପରେ ଏତିକିରେ କୁହାଯାଇପାରେ ସେ ଜଣେ ସଂପୂର୍ଣ୍ଣ ପବିତ୍ର ବ୍ୟକ୍ତିତ୍ୱ ଯାହାର ଜୀବନ ଭବିଷ୍ୟତ ବିଶ୍ୱ ପାଇଁ ଏକ ବାର୍ତ୍ତା, ଯାହାର ଚିନ୍ତାଧାରା ଆମ ପାଇଁ ମହାନଶିକ୍ଷା, ଯାହାର ଆଦର୍ଶ ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ ନାୟକତ୍ୱର ଊର୍ଦ୍ଧ୍ୱରେ, ଯାହାର କାର୍ଯ୍ୟାବଳୀ ସର୍ବଦା ଅବିସ୍ମରଣୀୟ, ଯାହାର ସାହସିକତା ଓ ଦେଶପ୍ରେମ ସର୍ବୋପରି ସର୍ବୋପମ। ପୃଥିବୀରେ ଶୃଙ୍ଖଳ, ଦୁର୍ବଳ, ଚିର ଦଳିତ ଏବଂ ଅବହେଳିତ ବ୍ୟକ୍ତିଙ୍କର ମୁକ୍ତି ଓ ଶାନ୍ତି ପାଇଁ, ସେ ନିଜେ ଜୀବନରେ କାର୍ଯ୍ୟତଃ ପ୍ରମାଣିତ କରି ଯାଇଛନ୍ତି। ସେ ଜଣେ ମୁକ୍ତିମଶାଲଧାରୀ ଶାନ୍ତିର ପୁରୋହିତ।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ୨ ଅକ୍ଟୋବରକୁ ଭାରତରେ ଛୁଟିଦିବସ ରୂପେ ପାଳିତହୁଏ। ଏହି ଦିନ ନାନା ଭାଷଣ, ପ୍ରତିଯୋଗିତା, ଦୂରଦର୍ଶନ, ଆକାଶବାଣୀ ତଥା କଳାକାର ଏବଂ ବାଲୁକାଶିଳ୍ପୀମାନଙ୍କ ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟବୋଧ ସୃଷ୍ଟିମାନଙ୍କ ମାଧ୍ୟମରେ ଗାନ୍ଧି ବାର୍ତ୍ତା ଓ କାର୍ଯ୍ୟ ପ୍ରତିଫଳନ କରାଯାଏ।

ଗାନ୍ଧି ଜୟନ୍ତୀ ୨ ଅକ୍ଟୋବରକୁ ଆନ୍ତର୍ଜାତିକ ସ୍ତରରେ "ଅହିଂସା" (Non-Violence) ଦିବସ ରୂପେ ପାଳିତ ହୁଏ। ଗାନ୍ଧିଙ୍କ ପ୍ରତି ବିଶ୍ୱବାସୀଙ୍କର ଏହା ହିଁ ଭକ୍ତି ଓ ଶ୍ରଦ୍ଧାର ଉପହାର।

**ଆମ ଶାସ୍ତ୍ରୀଜୀ: ଶାନ୍ତିର କପୋତ–**

୨ ଅକ୍ଟୋବରକୁ ଗାନ୍ଧିଜୟନ୍ତୀ ହିସାବରେ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପାଳନ କରାଯାଏ। କିନ୍ତୁ ଏଇ ଭାରତରେ ଆଉ ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯାହାଙ୍କ ଜନ୍ମତିଥି ମଧ୍ୟ ଏହି ଦିନ ପାଳିତ ହୁଏ। ସେ ହେଉଛନ୍ତି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ସଂକ୍ଷେପରେ ଶାସ୍ତ୍ରୀଜୀ ଯିଏକି ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ। ସେ ଜଣେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଯିଏ କି ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ନିଜ ପାରିବାରିକ ଜୀବନ ପ୍ରତି ଆଖି ବୁଝି ଦେଇଥିଲେ। ସେ ଭାରତର ଉନ୍ନତିକଳ୍ପେ ବହୁ ପ୍ରକାର କାର୍ଯ୍ୟମାନ କରିଯାଇଛନ୍ତି। ସେ ଜଣେ ସଂପୂର୍ଣ୍ଣ ମାନବବାଦୀ ବ୍ୟକ୍ତିତ୍ୱ ଯିଏକି ମଣିଷକୁ କେବଳ ଗୋଟିଏ ମଣିଷ ଜାତି ହିସାବରେ ଦେଖୁଥିଲେ। ସେ ଥିଲେ ସକଳ ଜାତି–ଧର୍ମ ଏବଂ ସଂପ୍ରଦାୟର ଊର୍ଦ୍ଧ୍ୱରେ। ଏଇଥିପାଇଁ ସେ ତାଙ୍କର ସାଙ୍ଗିଆ ବା ସରନେମ 'ଶ୍ରୀବାସ୍ତବ'କୁ କାଟିଦେଇଥିଲେ। କାରଣ ଏହା ଏକ ଜାତିର ପ୍ରତୀକ ଥିଲା ଏବଂ ସେ ଏହାକୁ ଘୃଣା କରୁଥିଲେ। ଲାଲ ବାହାଦୂରଙ୍କର ଜନ୍ମ ୨ ଅକ୍ଟୋବର ୧୯୦୪ ମସିହାରେ ହୋଇଥିଲା। ତାଙ୍କ ପିତା ଓ ମାତାଙ୍କ ନାମ ଯଥାକ୍ରମେ ଶାରଦା ପ୍ରସାଦ ଏବଂ ରାମଦୁଲାରୀ ଦେବୀ। ତାଙ୍କ ପିତା ଜଣେ ଶିକ୍ଷକ ଥିଲେ। ଦୁଃଖ ଯେ ତାଙ୍କୁ ଦେଢବର୍ଷ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କ ମା'ଲାଲବାହାଦୁରଙ୍କୁ ଧରି ନିଜ ପିତାଘରକୁ ଚାଲିଗଲେ। ସେଠାରେ ତାଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାପରେ, ସେ ବାରଣାସୀ ଯାଇ କାଶୀ ବିଦ୍ୟାପୀଠରେ ପଢି ଶାସ୍ତ୍ରୀ ଉପାଧି ପାଇଥିଲେ। ଏହା ଏକ ଉଚ୍ଚ ଶିକ୍ଷାଗତ ଉପାଧି ଥିଲେ ହେଁ, ତାଙ୍କର ଜ୍ଞାନ ଓ ବୁଦ୍ଧିର ବିଚକ୍ଷଣତା କାରଣରୁ ଏହି ଉପାଧି ନାମରେ ସେ ସବୁଦିନ ପାଇଁ ପରିଚିତ ହୋଇଗଲେ। ଶାସ୍ତ୍ରୀଜୀ ଅର୍ଥ ଜ୍ଞାନୀ।

୧୯୧୫ ମସିହାରେ ଗାନ୍ଧିଙ୍କର ଏକ ଭାଷଣ ଶୁଣିବାରେ ତାଙ୍କୁ ସୁଯୋଗ ମିଳିଲା ଯାହା ତାଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ ନିମନ୍ତେ ଅନୁପ୍ରାଣିତ କଲା। ୧୯୨୧ ମସିହାରେ ସେ ଡେଫିୟାନସ୍ ଅଫ୍ ପ୍ରୋହିବିଟାରୀ ଅର୍ଡର ଶୋଭାଯାତ୍ରାରେ ଯୋଗଦେଇ ବନ୍ଦୀ ହେଲେ; କିନ୍ତୁ ନାବାଳକ ହେତୁ ତାଙ୍କୁ ମୁକ୍ତ କରାଗଲା। ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଅଢେଇବର୍ଷ କାଳ ଜେଲ ଯାଇଥିଲେ। ୧୯୪୦ରେ ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହକୁ ପୂର୍ଣ୍ଣ ସମର୍ଥନ ସାବ୍ୟସ୍ତ କଲେ ଏବଂ ପୁଣି ଜେଲ ଗଲେ। ପରେ ବ୍ରିଟିଶ ଭାରତ ଭାରତ ଛାଡ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରେତ୍ସାହନ ଯୋଗାଇ ୧୯୪୬ ଯାଏଁ ପୁନଶ୍ଚ ଜେଲ ଭୋଗ କଲେ।

ଜବାହାର ଲାଲ ନେହରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଭାରତର ପ୍ରଧାନମନ୍ତ୍ରୀ ପଦ ୯ ଜୁଲାଇ ୧୯୬୪ରେ ଗ୍ରହଣ କଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ବେଳେ ଭାରତର ପ୍ରଗତି ଓ ଉନ୍ନତି କାମନା କରି ସେ ସବୁଜ ବିପ୍ଳବ ଏବଂ ଶ୍ୱେତ ବିପ୍ଳବର ଆହ୍ୱାନ ଦେଇଥିଲେ। କୃଷି ଓ କୃଷକଙ୍କର ଉନ୍ନତି କାରଣାର୍ଥେ ତାଙ୍କର ସ୍ଲୋଗାନ ଥିଲା "ଜୟ କିଶାନ" ଏବଂ ସୈନିକମାନଙ୍କ ପାଇଁ ଥିଲା "ଜୟ ଜୱାନ"। ତାଙ୍କ ମତରେ ଦେଶର ନିରାପତ୍ତା ସୈନିକମାନଙ୍କ ହସ୍ତରେ ଏବଂ ଦେଶର ଅର୍ଥନୈତିକ ମେରୁଦଣ୍ଡ କୃଷକମାନଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ସେମାନେ ପ୍ରଥମେ ବନ୍ଦନୀୟ। ଏହାବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାମରେ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ।

ଶାସ୍ତ୍ରୀଜୀଙ୍କର ମୃତ୍ୟୁର କାରଣ ଏବେ ବି ଅନ୍ଧକାରାଚ୍ଛନ୍ନରେ ଅଛି। ଭାରତ ଓ ପାକିସ୍ଥାନ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧର ଅବସାନ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ସୋଭିଏତ ଦେଶର ପ୍ରଧାନମନ୍ତ୍ରୀ ଆଲେକ୍‌ସି କୋସିଜୀନଙ୍କ ମଧ୍ୟସ୍ଥତାରେ ଏକ ମୀମାଂସାଜନିତ ସୂତ୍ରପାତ ହେଲା ସୋଭିଏତର ତାସଖେଣ୍ଡରେ। ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ଆନନ୍ଦର ସହିତ ଯୋଗଦେଲେ। ପାକିସ୍ଥାନ ତରଫରୁ ଜେନେରାଲ ଆୟୁବ ଖାଁ ସେଥିରେ ଉପସ୍ଥିତ ଥିଲେ। ଅଳିଆ ତୁଟିଲା। ୧୦ ଜାନୁୟାରୀ ୧୯୬୬ ମସିହା ଦିନ ପାକିସ୍ଥାନର ଆୟୁବ ଖାଁ ଏବଂ ଆମ ଶାସ୍ତ୍ରୀଜୀ ଶାନ୍ତି ପ୍ରସ୍ତାବ ଉପରେ ଦସ୍ତଖତ କଲେ । ଏହି ସର୍ତ୍ତ ଅନୁସାରେ ଉଭୟ ଦେଶର ସୈନ୍ୟ ୨୫ ଜାନୁୟାରୀ ୧୯୬୬ ସୁଦ୍ଧା ନିଜ ନିଜର ପୂର୍ବସ୍ଥାନକୁ ଫେରିଯିବା କଥା। ଏ ସମ୍ବାଦରେ ଭାରତୀୟମାନେ ଅତି ଖୁସି ବା ଆନନ୍ଦିତ ହେଲେ। ୧୦ ଜାନୁୟାରୀ ୧୯୬୬ ରାତିକୁ ତାଙ୍କର ଛାତିରେ ଯନ୍ତ୍ରଣା ହେଲା। ୧୧ ଜାନୁୟାରୀ ସକାଳୁ ସକାଳୁ ତାଙ୍କର ଦେହାନ୍ତ ହେଲା। ଅନେକଙ୍କ ମତରେ ତାଙ୍କର ହୃଦ୍‌କ୍ରିୟାଜନିତ ମୃତ୍ୟୁ ହୋଇଛି, ଅଥଚ ଅନେକଙ୍କର ମତ ଯେ ତାଙ୍କୁ ବିଷ ପ୍ରୟୋଗ କରାଇ ମାରି ଦିଆଯାଇଛି। କାରଣ ତାଙ୍କର ମୃତଦେହଟି ସଂପୂର୍ଣ୍ଣ ନୀଳ ପାଲଟିଯାଇଥିଲା ଯାହାକି ବିଷ ପ୍ରୟୋଗର ଲକ୍ଷଣ। ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଏକ ରହସ୍ୟାବୃତ୍ତ ହୋଇ ରହିଯାଇଛି।

ଶାସ୍ତ୍ରୀଜୀ ତାଙ୍କ ମୃତ୍ୟୁ ପୂର୍ବରୁ ଯେତିକି ପ୍ରସାରିତ ଓ ପ୍ରଚାରିତ ହୋଇନଥିଲେ, ତାଙ୍କ ମୃତ୍ୟୁ ସେ କ'ଣ ବୋଲି ପ୍ରମାଣିତ କରିଦେଲା। ଭାରତର ଶୋକାକୁଳ ଜନତା ତାଙ୍କୁ ଦିଲ୍ଲୀର ଯେଉଁଠାରେ ଦାହ କଲେ, ତାହାର ନାମ ରଖିଲେ ବିଜୟ ଘାଟ। ଦେଶ ପାଇଁ ତାଙ୍କ ମୃତ୍ୟୁ ତାଙ୍କୁ ବିଜୟର ଟୀକା ପିନ୍ଧାଇ ଦେଇଛି, ଖାସ୍ ଏଇ ତାସଖେଣ୍ଡ ଚୁକ୍ତିରେ।

ନିଜ ସଂପର୍କରେ ସେ କହିଯାଇଛନ୍ତି: ମୁଁ ଶାସକ ନୁହେଁ, ମାତ୍ର ଜଣେ ସେବକ; ମୁଁ ଜଣେ ସାଧାରଣମାନଙ୍କ ମଧ୍ୟରେ ସାଧାରଣ।

# ଦୁର୍ନୀତି ବିରୁଦ୍ଧ ଲଢେଇ ପାଇଁ ସର୍ବେଶ୍ୱର ବେହୁରାଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ପରିବେଶ ସୁରକ୍ଷା ଓ ଦୁର୍ନିତି ବିରୁଦ୍ଧରେ ସଂଗ୍ରାମ ପାଇଁ ଜାତୀୟସ୍ତରୀୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ବିଭିନ୍ନ ସଙ୍ଗଠନ ଓ ବିଜେପି କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ ମଣ୍ଡପ ଠାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଚନ୍ଦ୍ରମଣି ପଣ୍ଡିତ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିରିଷ୍ଠ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ, ଶ୍ରମିକ ନେତା ନୃସିଂହ ମିଶ୍ର ଯୋଗଦେଇ ଶ୍ରୀ ବେହୁରା ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ହେଲା ଧର୍ମଶାଳା ତହସିଲ ଅଧିନରେ ଥିବା ବିଭିନ୍ନ ଖାଦାନ ଗୁଡ଼ିକରେ ହେଉଥିବା ବେଆଇନ ଉତୋଳନକୁ ପ୍ରଶାସନ ଉପରେ ଚାପ ପକାଇ ଚୋରା ଚାଲାଣ ଉପରେ ରୋକ ଲାଗାଇବା, ସରକାରଙ୍କ ବିଭିନ୍ନ ଯୋଜନାରେ ଦୁର୍ନିତି ହୋଇଥିବା ନେଇ ଓ ଏଥିରେ ସଂପୃକ୍ତି ଥିବା ଅଧିକାରୀ ମାନଙ୍କୁ କାଠଗଡ଼ାରେ ଛିଡ଼ାକରିବା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଗତ ବର୍ଷ ମାର୍ଚ୍ଚମାସ ୨୭ ତାରିଖରେ ତାଙ୍କ ଉପରକୁ ବୋମା ମାଡ଼ ହୋଇଥିଲା ଏଥିରେ ସେ ତିଳେମାତ୍ର ବ୍ୟତିବ୍ୟସ୍ତ ନହୋଇ ପୂର୍ବ ଭଳି ସେ ତାଙ୍କର ଦୁର୍ନିତି ବିରୁଦ୍ଧରେ ଲଢେଇ ଜାରି ରଖିଛଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟ ଯେ ଶ୍ରୀ ବେହୁରା ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ତଥା କ୍ୟାପିଟାଲ୍ ଫାଉଣ୍ଡେସନ ସଦସ୍ୟ ଜଷ୍ଟିସ ମଦନ ବି. ଲୋକୁର, ଜଣାଶୁଣା ସାମାଜିକକର୍ମୀ ଅରୁଣା ରାୟ,ଅଳି ଭରଦ୍ୱାଜ,ନିଖିଲ୍ ଦେ ଓ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳାନେତ୍ରୀ ସାବିତ୍ରୀ ସାହୁ,ଜିଲ୍ଲା ପରିଷଦ ପ୍ରାର୍ଥୀ ଶରତ ଓଝା, ସରପଂଚ ବିପିନ ଓଝା, ଅଶୋକ ରାଉତ, ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ରାଜେଶ ଗୋଛାୟତ, ପ୍ରଭାତ ବରାଳ, ବୁଲୁ ଦାସ, ସୁଶାନ୍ତ କବି, ଦେବାଶିଷ କର, ପାର୍ବତି ବେହେରା ବଳରାମ ଦାସ, ସୁମିତ୍ରା ଦାସ ଓ ଅଂଜଳି ଘଡେଇ ପ୍ରମୁଖ କାର୍ଯ୍ୟକର୍ତା ସହଯୋଗ କରିଥିଲେ । ଶେଷରେ ଇଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ନାମ ବଦଳାଇବାକୁ ପ୍ରାକ୍ତନ ବିଧାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଧର୍ମଶାଳା (ପିଏନ୍): ୪୫ ଗୋଟି ପଂଚାୟତକୁ ନେଇ ଧର୍ମଶାଳା ପଂଚାୟତ ସମିତି ଗଠିତ ହୋଇଛି । ଏହି ନିର୍ବାଚନମଣ୍ଡଳୀର ନାମ ଧର୍ମଶାଳା ହୋଇଥିବା ବେଳେ ବ୍ଲକ, ତହସିଲ, ଥାନା, ସବରେଜିଷ୍ଟ୍ରାର ଅଫିସ, ଡାକ୍ତରଖାନା, ପୋଷ୍ଟ ଅଫିସ, ଧର୍ମଶାଳା ବାଣୀପୀଠ ଓ ସର୍ବପୁରାତନ ହାଟର ନାମ ଧର୍ମଶାଳା ରହିଛି । ପୁରାତନ ଜଗନ୍ନାଥ ସଡକ ପାର୍ଶ୍ୱରେ ଯାତ୍ରୀ ରହଣି ପାଇଁ ରାଣୀ ଅହଲ୍ୟାବାଇ ଏକ ଧର୍ମଶାଳା ନିର୍ମାଣ କରିଥିଲେ । ଏଠାରେ ଥିବା ଧର୍ମଶାଳା ଥାନା, ଡାକ୍ତରଖାନା ଓ ରାଣୀ ଅହଲ୍ୟାବାଇ ଧର୍ମଶାଳା ଚୋରମୁହାଁ ପଂଚାୟତ ଅଧିନରେ ରହିଛି । ସମୟକ୍ରମେ ନାମର ଅପଭ୍ରଂଶ ହୋଇ ପଂଚୟତ ଓ ଗ୍ରାମର ନାମ ଚୋରମୁହାଁ ହୋଇଛି । ଯାହାକି ପଂଚାୟତବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ତେବେ ଏବେ ଚାରିଆଡେ ବିଭିନ୍ନ ସ୍ଥାନର ନାମ ପରିବର୍ତନ କରାଯାଇ ନୂତନ ନାମରେ ନାମିତ ହେଉଛି । ସେହିଭଳି ଭାବେ ଚୋରମୁହାଁର ନାମ ବଦଳାଯାଇ ଧର୍ମଶାଳା କରିବାକୁ ପ୍ରାକ୍ତନ ବିଧାୟକ ତଥା ଧର୍ମଶାଳା ଖୋଜ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଚରଣ ଟିକାୟତ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୮

# ହସନ୍ତୁ ଓ ହସାନ୍ତୁ


ଅନୁପମା ଭୂୟାଁ

ଆପଣଙ୍କ ମୁଖମଣ୍ଡଳରେ ଟିକିଏ ହସ ଅନ୍ୟ ଜଣଙ୍କୁ କେତେ ଯେ ଆନନ୍ଦ ଦେଇପାରେ ତାହା ଜଣେ ଅନୁଭବୀକୁ ଜଣା। ମଣିଷ ଜୀବନରେ ବାସ୍ତବିକ ହସ ଏପରି ଏକ ଦୁର୍ଲ୍ଲଭ ଓ ମହାମୂଲ୍ୟ ସମ୍ପତ୍ତି ତାହା କଳ୍ପନାର ବାହାରେ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ଏହି ହସ ଦ୍ୱାରା ସମଗ୍ର ଜଗତକୁ ଏବଂ ସମଗ୍ର ଜୀବନକୁ ଆନନ୍ଦମୟ ଭାବେ ଅତିକ୍ରମ କରିପାରିବ। ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀ ମାନେ ସଂସାରର ସବୁଠାରୁ ବଡ଼ ମହୌଷଧି ବୋଲି ବିବେଚନା କରି ଆସୁଛନ୍ତି। ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିରବ ଭାବାବେଗ ବିନିମୟ କରିପାରିଥାଏ। ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ। ତେଣୁ ଭାଷା ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଆସିଛି। ଚିକିତ୍ସାବିଜ୍ଞାନୀଙ୍କ ମତରେ ଜଣେ ମଣିଷ କଥାବାର୍ତ୍ତା କଲାବେଳେ ପ୍ରତି ଦଶ ମିନିଟରେ ସାତଥର ହସିଥାଏ। ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ। ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ। ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତୁଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତିଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ। ହସ କିପରି ଅପରିଚିତ ଲୋକଙ୍କ ନିକଟରେ କରାଇଥାଏ ତାହା ବଖାଣିଛନ୍ତି ଦିଶା ସୌଟର ଏବଂ ଫ୍ରାଙ୍କ ଆଇଜନର ନାମକ ଦୁଇଜଣ ଗବେଷକ। ସେମାନଙ୍କ ମତରେ ସେମାନେ ଯେତେବେଳେ ନାମିବ୍ୟାର ହିମବା ସଂପ୍ରଦାୟର ଲୋକମାନଙ୍କ ସହ ଭାବ ବିନିମୟ କରିବାକୁ ଚାହିଁଲେ ଏହି ଆଦିମ ଜନଜାତିର ଲୋକମାନେ ମୁହଁରେ ହସ ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରତିଥର ଭାବ ବିନିମୟ ବେଳେ ତାହା ହିଁ ଘଟିଥିଲା। ତେଣୁ ହସ ହେଉଛି ମଣିଷ ମନର ନୀରବ ପରିଭାଷା। ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଚ୍ଛା କରି କିଛି ସମୟ ହସିବା ଆବଶ୍ୟକ। ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ। ତେଣୁ ଦେଶ ବିଦେଶରେ କିଛି ବର୍ଷ ଧରି ହସ କ୍ଳବମାନ ଗଠନ କରାଯାଇଛି। ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି। ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି। ହସୁଥିବା ବ୍ୟକ୍ତିକୁ ସଭିଏଁ ସୁଖୀ ବୋଲି କହନ୍ତି। କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ। ଜଣେ ଦାର୍ଶନିକ ଜଣେ ବାଇଆକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି କେଡ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି। ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସଂପଦ। କେହି ଭାବଗମ୍ଭୀର ମୁଦ୍ରାରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି କରିଛୁ କାହିଁକି ? କଣ ଲକ୍ଷେ କି କୋଟିଏ ହରେଇଛୁ ? ମୁହଁରେ ହସକୁ ଜାଣି ଶୁଣି ଲୁଚାଇ ରଖୁଥିବା ବ୍ୟକ୍ତି ସତରେ ହତଭାଗା। କାରଣ ସଂସାରର ଶ୍ରେଷ୍ଠ ସଂପଦକୁ ସେ ହାତରେ ପାଇ ବି ଉପଭୋଗ କରିପାରୁନାହିଁ। ଭାରତରେ ହାସ୍ୟକୁ ଏକ ରସ ବୋଲି କୁହାଯାଇଛି। ଏ ରସ ପ୍ରକୃତରେ ଅମୃତ। ଏକଥା ଆମେ କହୁନାହୁଁ। ଏବେ କହୁଛନ୍ତି ଆଧୁନିକ ଓ ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନୀ। ସେମାନଙ୍କ ପରାମର୍ଶ ହସନ୍ତୁ ଓ ଅନ୍ୟକୁ ହସାନ୍ତୁ।

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# କୁନ୍ତଳା କୁମାରୀ ସାବତ


ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ସାରସ୍ୱତ କ୍ଷେତ୍ରରେ କୁନ୍ତଳା କୁମାରୀ ସାବତ ଅନନ୍ୟା ଅଦ୍ୱିତୀୟା। ସେ ଥିଲେ ଅସାଧାରଣ ଶକ୍ତିର ଅଧିକାରିଣୀ। କାର୍ମିକ ତଥା ପାରିବାରିକ ଜଞ୍ଜାଳ ମଧ୍ୟରେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ନିଜର ଅପୂର୍ବ ପ୍ରତିଭାର ପରିଚୟ ଦେଇଯାଇଛନ୍ତି। ଭାବନାକୁ ପ୍ରକାଶ କରିବା ଥିଲା ତାଙ୍କର ସହଜାତ ଗୁଣ। ମାୟାଧର ମାନସିଂହଙ୍କ ଭାଷାରେ ବାଦକ ବଂଶୀର ଫୋଡ଼ରେ ଆଙ୍ଗୁଠି ମାରୁ ମାରୁ ହଠାତ୍ ଯେପରି ମନ ମୁତାବକ ସ୍ୱର ପାଇଯାଏ, କୁନ୍ତଳା ଏଣୁ ତେଣୁ ଗାଉ ଗାଉ, ଈଶ୍ୱରଙ୍କ କଥା ଗାଇବାକୁ ଆସି, ସେହିପରି ତାଙ୍କ ପ୍ରାଣ ବୀଣାର ଗୋଟିଏ ତାରକୁ ହାତ ମାରିଦେଇଛନ୍ତି, ତାହାର ସୁର ତାଙ୍କର ସକଳ ବ୍ୟକ୍ତିତ୍ୱକୁ ଏପରି ଝଂକୃତ କରିଦେଲା ଯେ, ସେ ଆଉ ସେ ସୁରର ମୋହ ଜୀବନଯାକ ଛାଡ଼ିପାରିଲେ ନାହିଁ। କୁନ୍ତଳା କୁମାରୀଙ୍କ ଜୀବନ କାଳ ଥିଲା ସୀମିତ। ତେବେ ସୀମିତ ସମୟ ମଧ୍ୟରେ ସେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିପାରିଥିଲେ। ତାଙ୍କର ପ୍ରଥମ କବିତା ପୁସ୍ତକ ଅଞ୍ଜଳି ୧୯୨୨ରେ ପ୍ରକାଶ ପାଇଥିଲା। ତାହାପରେ ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ଓଡ଼ିଆଙ୍କ କାନ୍ଦଣା, ଗଡ଼ଜାତ କୃଷକ, ପ୍ରେମ ଚିନ୍ତାମଣି ଓ ଅସଂପୂର୍ଣ୍ଣ କାବ୍ୟ ମଣିକାଞ୍ଚନ। ତାଙ୍କ କବିତା ସଂପର୍କରେ ଗୋପାଳଚନ୍ଦ୍ର ପ୍ରହରାଜ କହିଥିଲେ – ଖାଇବା ଯେ ପରି ପକ୍ଷୀମାନଙ୍କର ନୈସର୍ଗିକ ପ୍ରକୃତି, କବିତା ସେହିପରି କୁନ୍ତଳାଙ୍କ ପାଖେ ପ୍ରାକୃତିକ ଥିଲା।

ଓଡ଼ିଆ ଭାଷାରେ ଯେଉଁ ଜୀବନୀଶକ୍ତି ସଞ୍ଚରିତ କରିଯାଇଛନ୍ତି, ଓଡ଼ିଆ ଜାତି ଆଜି ତାହା ହୃଦୟଙ୍ଗମ କରିନାହିଁ। କୁନ୍ତଳା କୁମାରୀ ଓଡ଼ିଶାର ପ୍ରଥମ ଔପନ୍ୟାସିକା। ତାଙ୍କର ପ୍ରଥମ ଉପନ୍ୟାସ ଭ୍ରାନ୍ତି। ନଅ ତୁଣ୍ଡୀ, କାଳୀ ବୋହୂ, ପରଶମଣି ଓ ରଘୁ ଅରକ୍ଷିତ ତାଙ୍କର ଅନ୍ୟ ପ୍ରସିଦ୍ଧ ସୃଷ୍ଟି। ସେ ବେଶ କିଛି କାଳ ଦିଲ୍ଲୀରେ ରହିଥିଲେ। ସେ ସମୟରେ ଦିଲ୍ଲୀ ଚିଠି ନାମରେ ସାରସ୍ୱତ ପତ୍ର ଲେଖୁଥିଲେ। ପଞ୍ଚମ ଚିଠିରେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ ଓଡ଼ିଶା ବାସୀଙ୍କୁ ଆହ୍ୱାନ ଦେଇଥିଲେ। ଟାଣୁଆ ଓଡ଼ିଆ ଜିଣିଲୁ ଦରିଆ, କଲୁ କାରିଗରୀ ପଥରରେ ଠିଆ; ତୋର ଚକ୍ରବର୍ତ୍ତୀ ଗଜପତି ପାଦେ, ପୃଥିବୀ ପଣତ ଥିଲା ପାରି। ହିନ୍ଦୀ ଓ ଇଂରେଜୀରେ ମଧ୍ୟ ସେ ଲେଖୁଥିଲେ। ସ୍ତ୍ରୀ ଭୂଷଣ, ନାରୀ, ଭାରତୀ, ଜୀବନ ଆଦି ହିନ୍ଦୀ ପତ୍ରିକାର ସଂପାଦିକା ଦାୟିତ୍ୱ ତୁଲାଇଥିଲେ। ପେସା ଥିଲା ଡାକ୍ତରୀ ଏବଂ ରୁଚି ଲେଖାଲେଖି। ୧୯୦୧ ଫେବୃଆରୀ ଆଜିର ଦିନରେ ଏହି ବହୁମୁଖୀ ନାରୀ ପ୍ରତିଭା ତତ୍‌କାଳୀନ ବସ୍ତର ରାଜ୍ୟର ଜଗଦଲପୁରରେ ଜନ୍ମ ହୋଇଥିଲେ।

*ଶୋଭନୀୟ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ପ୍ରୟାଗକୁ ରକ୍ଷା କରିଥିଲା କୁମ୍ଭମେଳା


ତ୍ରିନାଥ ଓଝା

ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ। ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ, ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭର ବିକାଶର ଗାଥା ଅସୀମ ଓ ଅକଳ୍ପନୀୟ। ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ। ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି ଆଧ୍ୟାତ୍ମିକ ମହତ୍ୱ ବି ସେତିକି। ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଛି। କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା। ହିନ୍ଦୁ ଧର୍ମ ସମେତ ବିଶ୍ୱର ଅନ୍ୟ କେତେକ ଧର୍ମ ଓ ସମ୍ପ୍ରଦାୟରେ ପବିତ୍ର ସ୍ନାନ ବିଷୟରେ ଉଲ୍ଲେଖ ରହିଛି। ତେବେ ସଙ୍ଗମ ନଗରୀରେ ଆୟୋଜିତ କୁମ୍ଭମେଳା ବିଶେଷକରି ୧୪୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ମହାକୁମ୍ଭ ମେଳାରେ ପବିତ୍ର ସ୍ନାନରେ ଧାର୍ମିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି। ଆମେ ପୂର୍ବରୁ ଉଲ୍ଲେଖ କରିଥିଲୁ ଯେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳାର ଏହା ମାନ୍ୟତା ପାଇଛି। ବିଶ୍ୱାସ ଯେଉଁଠି ଭଗବାନ ସେଇଠି। ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ଏହି ପ୍ରୟାଗରାଜ କୁମ୍ଭମେଳା। ସମଗ୍ର ବିଶ୍ୱରେ ବଡ଼ ଆଲୋଚ୍ୟ ଖବର ଭାବେ ଏବେ ଏହି ସର୍ବବୃହତ୍ ଧାର୍ମିକ ମେଳା। ସର୍ବ ଧର୍ମର ପ୍ରତୀକ ଏ ମେଳା ହେଉଛି ଭବ୍ୟ, ଦିବ୍ୟ ଓ ଏକତାର ମହାକୁମ୍ଭ। ଆର୍ଯ୍ୟବର୍ତ୍ତ ଭାରତର ଭିନ୍ନ ଏକ ଆଧ୍ୟାତ୍ମିକତା ଓ ଏକତାର ଏ ହେଉଛି ସ୍ୱର୍ଦ୍ଧିତ ଜୟଯାତ୍ରା।

କୁମ୍ଭମେଳା ଆୟୋଜିତ ହେଉଥିବା ପ୍ରୟାଗରାଜ ଉପରେ ଅଧିକ ତଥ୍ୟ ଓ ବିଶେଷକରି ତତ୍କାଳୀନ ଇଂରେଜ ସରକାରଙ୍କ ସମୟରେ କୁମ୍ଭମେଳା ସମ୍ପର୍କରେ ଆମେ ଅଧିକ ଜାଣିବା ପାଇଁ ବିଭିନ୍ନ ପୁସ୍ତକ ଓ ସୋସିଆଲ ମିଡ଼ିଆର ସହାୟତା ନେଇଥିଲୁ। ତଥ୍ୟରୁ ଯାହାଜଣା ପଡ଼ିଥିଲା ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମେ ସ୍ୱୀକୃତି ପ୍ରାପ୍ତ କୁମ୍ଭମେଳାର ଆୟୋଜନ କରିଥିଲେ। ତେବେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ଭିଡ଼ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ କର୍ମ ପାଇଁ ଘାଟ ଓ ପରିମଳ ବ୍ୟବସ୍ଥା ଭଳି ମୌଳିକ ଆବଶ୍ୟକତା ଉପରେ ସୁଧାର ଆଣିଥିଲେ ଏବଂ ଏହି ବ୍ରିଟିଶ ଶାସନ ସମୟରେ ପ୍ରୟାଗରାଜ ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବରେ କୁମ୍ଭ ସ୍ପେସାଲ ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ତେବେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ। ଆମେ ପ୍ରୟାଗରାଜର କୁମ୍ଭମେଳା ଏବଂ ଇଂରେଜ ମାନଙ୍କ ଭୂମିକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଯେଉଁ ପୁସ୍ତକର ସାହାଯ୍ୟ ନେଇଥିଲୁ ସେଥିରେ ଯେଉଁ ତଥ୍ୟ ଉଲ୍ଲେଖ ରହିଛି ତାହା ସହୃଦୟ ପାଠକମାନେ ଜାଣିଲେ ଆଶ୍ଚର୍ଯ୍ୟଚକିତ ହୋଇଯିବେ। ଖୋଦ ବ୍ରିଟିଶ ସରକାରଙ୍କ ସମୟରେ ଏପରି ଏକ ଅଭାବନୀୟ ପରିସ୍ଥିତି ଓ ପରିପାର୍ଶ୍ୱିକ ଘଟଣାବଳୀ ସୃଷ୍ଟି ହୋଇଥିଲା ଯେ ଏହି କୁମ୍ଭମେଳା ହିଁ ଏକଦା ପ୍ରୟାଗକୁ ବଞ୍ଚାଇ ଦେଇଥିଲା। ଆମେ ଏହି ଆଲୋଚନା କଲାବେଳେ ସିପାହୀ ବିଦ୍ରୋହ ପ୍ରସଙ୍ଗ ଏଠାରେ ଉଲ୍ଲେଖ କରୁଛୁ। କାରଣ ସିପାହୀ ବିଦ୍ରୋହ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଉପରେ ଭାରତୀୟ ସିପାହୀମାନେ ଅନେକ କାରଣ ବଶତଃ କ୍ଷୁବ୍ଧ ହୋଇଥିଲେ ଓ ସେମାନେ ପ୍ରତିଶୋଧ ପରାୟଣ ମଧ୍ୟ ହୋଇଥିଲେ। ସେ ସମୟରେ ସେମାନଙ୍କୁ ସହଯୋଗ କରିଥିଲେ ପ୍ରୟାଗର ତତ୍କାଳୀନ ପ୍ରାଧାନ୍ୟ ଥିବା ବ୍ରାହ୍ମଣ ଓ ପଣ୍ଡିତମାନେ। ଆଜିର ପ୍ରୟାଗରାଜକୁ ସେତେବେଳେ ଆହ୍ଲାବାଦ ଭାବେ ସମସ୍ତେ ଜାଣୁଥିଲେ। ଏହି ପ୍ରମୁଖ ଅଞ୍ଚଳଟି ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନକୁ ଆସି ଯିବା ପରେ ବ୍ରିଟିଶ ସରକାର ପ୍ରୟାଗର ସେ ସମୟରେ ଅନୁଷ୍ଠିତ ମାଘ ମେଳାରେ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଏପରିକି ସାଧୁସନ୍ଥଙ୍କ ଉପରେ କର ବସାଇବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବିଚାର କରିଥିଲେ। ଯେଉଁମାନେ ଏକ ମାସ ପର୍ଯ୍ୟନ୍ତ ସେଠାରେ ରହିବେ ସେମାନଙ୍କୁ ବାଧ୍ୟତାମୂଳକ ଭାବେ ଜଣ ପିଛା ଏକ ଟଙ୍କା ଲେଖାଏଁ ଟିକସ ଦେବାକୁ ପଡ଼ିବ ବୋଲି ଘୋଷଣା ହେଲା। ଏପରିକି ଯେଉଁମାନେ ପବିତ୍ର ମାଘ ସ୍ନାନ କରି ମୁଣ୍ଡନ ହେବେ ସେମାନଙ୍କ ଠାରୁ ଆରମ୍ଭ କରି ମୁଣ୍ଡନ କରୁଥିବା ନାପିତ, ସ୍ଥାନୀୟ ଫୁଲ, ଭୋଗ ଓ ମିଷ୍ଟାନ୍ନ ଦୋକାନୀଙ୍କ ପାଇଁ ମଧ୍ୟ ଧାର୍ଯ୍ୟ ଟିକସର ବ୍ୟବସ୍ଥା ହେଲା ଏବଂ ଏହି ଟିକସକୁ କଡ଼ାକଡ଼ି ଭାବେ ଆଦାୟ କରିବା ପାଇଁ ପବିତ୍ର ସଙ୍ଗମ ସ୍ଥଳରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ଚୌକୀଦାର ପ୍ରହରୀ ରହିବାର ବ୍ୟବସ୍ଥା କରାଗଲା। ହିନ୍ଦୁମାନଙ୍କର ଆସ୍ଥା ଓ ବିଶ୍ୱାସର ପବିତ୍ର ତ୍ରିବେଣୀ ସଙ୍ଗମରେ ପୂଜକ ଓ ପଣ୍ଡିତ ମାନଙ୍କ ଅଧିକାରକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଛଡ଼ାଇ ନେବାକୁ ସେମାନେ ଆଦୌ ସହ୍ୟ କରିପାରିଲେ ନାହିଁ। ଏ ନେଇ ତୀବ୍ର ଅସନ୍ତୋଷ ଓ ଚାପା ଉତ୍ତେଜନା ତଥା ଅଭାବନୀୟ ପ୍ରତିକ୍ରିୟା ଦେଖାଗଲା। ୧୮୫୭ରେ ପ୍ରୟାଗର ପୂଜକ ଓ ବିଦ୍ରୋହୀ ସିପାହୀମାନଙ୍କୁ ବ୍ରିଟିଶ ସେନା ପରାସ୍ତ କରିଦେବା ପରେ ପ୍ରବଳ ପ୍ରତାପୀ ବ୍ରିଟିଶ ସେନା ବିରୁଦ୍ଧରେ ସଙ୍ଗମ ସ୍ଥଳରୁ ପଳାତକ ହୋଇଥିବା ପଣ୍ଡିତ ଓ ପୂଜକମାନେ ବିଭିନ୍ନ ଗାଁ ଭ୍ରମଣ କରି ସେମାନଙ୍କର ଯଜମାନ ମାନଙ୍କୁ ଛଅ ବର୍ଷ ବ୍ୟବଧାନରେ ମାଘ ମେଳାକୁ ଅର୍ଦ୍ଧ କୁମ୍ଭ ବୋଲି ଜଣାଇବାର ଭାବନା ଜାଗ୍ରତ କଲେ। ପରିସ୍ଥିତି ଏପରି ହେଲା ଯେ ଜନତାଙ୍କର ଏଭଳି ପ୍ରଚଣ୍ଡ ଧାର୍ମିକ ବିଶ୍ୱାସକୁ ତତ୍କାଳୀନ ବ୍ରିଟିଶ ସରକାର ଗ୍ରହଣ କରିବାକୁ ପ୍ରକାରାନ୍ତରେ ବାଧ୍ୟ ହେଲେ। ଏହି ସମୟରେ ବ୍ରିଟିଶ ସରକାରଙ୍କ ଲିପିବଦ୍ଧ ତଥ୍ୟ ଆମେ ଏଠାରେ ଉଲ୍ଲେଖ କରୁଛୁ। ପ୍ରୟାଗରେ ପ୍ରଥମ କୁମ୍ଭର ଉଲ୍ଲେଖ ୧୮୬୮ ମସିହାରେ। ଆହ୍ଲାବାଦର ତତ୍କାଳୀନ ଜିଲ୍ଲା ଶାସକ ରିକେଟ ସାହେବଙ୍କ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା ଯେ – 'ଆଉ ପଚିଶ ମାସ ପରେ ୧୮୭୦ ମସିହାରେ ଏଠାରେ ସ୍ଥାନୀୟ ଲୋକ ମାନଙ୍କର ଏକ ବିଶାଳ ମେଳା ଅନୁଷ୍ଠିତ ହେବ। ଯାହାର ନାମ କୁମ୍ଭମେଳା। ଏହାର ଚାଳିଶ ବର୍ଷ ପୂର୍ବେ ମଧ୍ୟ ୧୮୨୮ ମସିହାରେ ଇଷ୍ଟ ଇଣ୍ଡିଆ ଗେଜେଟରେ ହରିଦ୍ୱାରରେ ୧୨ ବର୍ଷ ବ୍ୟବଧାନରେ କୁମ୍ଭମେଳା ଏବଂ ପ୍ରୟାଗରେ ବାର୍ଷିକ ମାଘ ମେଳା ବିଷୟରେ ଉଲ୍ଲେଖ ରହିଛି। ଆମେ ଏ ପ୍ରସଙ୍ଗରେ ଲିପିବଦ୍ଧ ଅନ୍ୟ ଏକ ତଥ୍ୟ ମଧ୍ୟ ଉଲ୍ଲେଖ କରିବାକୁ ପ୍ରୟୋଜନ ମନେ କରୁଛୁ ତାହା ହେଉଛି କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ୍ୟ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଓ ଗୁପ୍ତ ଯୁଗରେ ମଧ୍ୟ କୁମ୍ଭମେଳାର ଅସ୍ତିତ୍ୱ ଥିଲା। ଆଜିର ପ୍ରୟାଗରାଜରେ ଅନୁଷ୍ଠିତ ବିଶ୍ୱର ଏହି ବିରାଟ ବଡ଼ ଧାର୍ମିକ ସମାବେଶରେ ସମଗ୍ର ଭାରତ ଏକ ପ୍ରକାର ପ୍ରୟାଗରାଜରେ ଅଟକି ଯାଇଥିବାବେଳେ ସିପାହୀ ବିଦ୍ରୋହ ସମୟରେ ତତ୍କାଳୀନ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ମନମାନୀ, ଦୌରାତ୍ମ୍ୟ, ବାସ୍ତବିକ ବଡ଼ ଆଲୋଚ୍ୟ ପ୍ରସଙ୍ଗ।

*ଆବାହକ, ଚମ୍ପାନାରାୟଣ ଚାରିଟେବୁଲ*
*ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ,*
*ଦୂରଭାଷ : ୯୨୩୮୬୦୨୮୨୫*

# ମୋଟା ମଣିଷଙ୍କ ବୋଝ

ଆପଣ ପତଳା ନା ମୋଟା ? ଆମେ ଏ ଲେଖା ମାଧ୍ୟମରେ ମୋଟା ମଣିଷ ମାନଙ୍କୁ ଅପମାନିତ କରିବା ପାଇଁ ଆଦୌ ଚାହୁଁ ନାହୁଁ। ଯେ କେହି କହିପାରିବେ ମୁଁ ମୋ ନିଜ ରୋଜଗାରରେ ବା ମୋ ବାପା ରୋଜଗାରରେ ଖାଉଛି, ତୁମର କ'ଣ କ୍ଷତି ହେଉଛି ଯେ ମୋ ମୋଟା ଶରୀର ତୁମ ପାଇଁ ସତେ ଯେପରି ବୋଝ ପାଲଟୁଛି। ଏହା ସତ କଥା ମୋଟା ମଣିଷମାନେ ବାସ୍ତବିକ ସମାଜରେ ଅନେକ କଷ୍ଟ ସହ୍ୟ କରିଥାନ୍ତି। କେତେକ ଲୋକ ମୋଟା ହେବା ପଛରେ ସେମାନଙ୍କର ଗୁଣସୂତ୍ର ଜିନ ମଧ୍ୟ ଦାୟୀ ରହିଥାଏ। ପୃଥିବୀ ଉପରେ ପ୍ରତି ଦିନ ଓଜନର ଭାର ବଢ଼ି ବଢ଼ି ଚାଲିଛି। ଆମ ଅଗୋଚରରେ ଆମେ ପ୍ରତି ଦିନ ପୃଥିବୀ ଉପରେ ଓଜନ ବଢ଼େଇ ଚାଲିଛେ। ଏହି ବୋଝର ଏକ ବଡ଼ ଅଂଶୀଦାର ହେଉଛନ୍ତି ମୋଟା ଲୋକେ। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଏଣ୍ଡ ଟ୍ରିପକାଲ ମେଡ଼ିସିନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ଗବେଷଣାମୂଳକ ଅନୁଧ୍ୟାନ କହେ ଯେ ଏ ପୃଥିବୀକୁ ଭାରାକ୍ରାନ୍ତ କରୁଥିବା ଦୋଷରେ ସବୁଠାରୁ ବଡ଼ ଦୋଷୀ ହେଉଛନ୍ତି ଉତ୍ତର ଆମେରିକୀୟମାନେ। ସେମାନଙ୍କ ସଂଖ୍ୟା ପୃଥିବୀର ମୋଟ ଜନସଂଖ୍ୟାର ମାତ୍ର ୬ ପ୍ରତିଶତ। କିନ୍ତୁ ସେମାନଙ୍କ ଓଜନ ହେଉଛି ପୃଥିବୀ ଉପରେ ଆତଯାତ ହେଉଥିବା ସବୁ ମଣିଷଙ୍କ ଓଜନର ୩୩ ଭାଗ। ସାରା ପୃଥିବୀକୁ ବିଚାରକୁ ନେଲେ ଜଣ ପିଛା ହାରାହାରି ଓଜନ ହେଉଛି ୬୭ କେଜି। କିନ୍ତୁ ଉତ୍ତର ଆମେରିକାରେ ଏହି ହାରାହାରି ହେଉଛି ୮୦.୭ କେଜି ଏବଂ ଏସିଆରେ ତାହା ହେଉଛି ୫୭.୭ କେଜି। ଉଲ୍ଲେଖ କରାଯାଇପାରେ କି ସାରା ପୃଥିବୀର ଜନସଂଖ୍ୟାର ୬୧ ପ୍ରତିଶତ ଏସିଆରେ ରହନ୍ତି କିନ୍ତୁ ସେମାନଙ୍କ ଓଜନର ଭାର ହେଉଛି ସମୁଦାୟ ମଣିଷଙ୍କ ଓଜନର ଭାରର ମାତ୍ର ୧୩ ପ୍ରତିଶତ। ସେଇ କ୍ରମରେ ଏହା ବି ଜଣାପଡ଼ିଛି ଯେ ଏରିଟ୍ରିଆ, ଭିଏତ୍‌ନାମ ଏବଂ ଇଥିଓପିଆ ଭଳି ଦେଶର ଓଜନ ସବୁଠାରୁ ହାଲୁକା। ଏଇ ଗବେଷଣା କେବଳ କିଛି କୌତୁହଳପ୍ରଦ ତଥ୍ୟ ଯେ ସାମ୍ନାକୁ ଆଣିଛି ତାହା ନୁହେଁ, ଏହାକିଛି ଗୁରୁତ୍ୱପୂର୍ଣ୍ଣ ମାନବିକ ସମସ୍ୟାକୁ ମଧ୍ୟ ଉଜାଗର କରିଛି।

ପ୍ରଥମ କଥା ହେଲା, ଏହା ଏକ ବୈଷମ୍ୟପୂର୍ଣ୍ଣ ପୃଥିବୀର ଚିତ୍ର ଆଣି ଥୋଇଛି। ଦ୍ୱିତୀୟ କଥା ହେଲା, ତା ସହିତ ଏହା ଦେଖାଇ ଦେଇଛି ଯେ ଏଇ ପୃଥିବୀରେ ଯେଉଁମାନଙ୍କ ପାଖରେ ସବୁ କିଛି ଅଛି ସେମାନେ ପୃଥିବୀକୁ ସବୁଠାରୁ ଅଧିକ ଦୁହିଁଛନ୍ତି, ପୃଥିବୀ ଠାରୁ ଅଧିକ ନେଉଛନ୍ତି, ଏଣେ ପୃଥିବୀ ଉପରେ ଅଧିକ ଓଜନ ଲଦୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କିଛି ବର୍ଷ ତଳେ ପ୍ରସ୍ତୁତ ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଥିଲା ଯେ ଥିଲାବାଲା ଦେଶର ଲୋକେ ମୁଖ୍ୟତଃ ଉତ୍ତର ଆମେରିକା ଓ କିଛି ୟୁରୋପୀୟ ଦେଶ ପ୍ରତିଦିନ ଯାହା ଖାଆନ୍ତି, ତାହାଠାରୁ ଅଧିକ ନଷ୍ଟ କରନ୍ତି। ସେମାନେ ଦିନକୁ ଯେତିକି ଖାଦ୍ୟ ନଷ୍ଟ କରନ୍ତି ସେଥିରେ କ୍ଷୁଧା ଜର୍ଜରିତ ଆଫ୍ରିକୀୟ ଦେଶର ନାଗରିକମାନେ ସପ୍ତାହେ କାଳ ଚଳିପାରିବେ। ଖାଦ୍ୟ ଉତ୍ପାଦନ ଏବଂ ବଣ୍ଟନରେ ଯେଉଁ ଅସମାନତା ରହିଛି ତାହା ଲଣ୍ଡନ ସ୍କୁଲ ଅଫ ହାଇଜିନ ଓ ଟ୍ରପିକାଲ ମେଡ଼ିସିନ୍‌ର ଅନୁଧ୍ୟାନରୁ ପରିଷ୍କାର ହୋଇଛି। ଏହାଛଡ଼ା ଏହି ମୋଟା ଲୋକେ ଆବଶ୍ୟକ କରୁଥିବା ସାମଗ୍ରୀ ଯେମିତିକି ପୋଷାକ ପତ୍ର, ଘର, ଗାଡ଼ି ଆଦି ସବୁ କିଛି ସକାଶେ ସେମାନେ ଜଣେ ସାଧାରଣ ଓଜନର ବ୍ୟକ୍ତି ଠାରୁ ଅଧିକ ପ୍ରାକୃତିକ ସଂସାଧନ ବ୍ୟୟ କରନ୍ତି। ତୃତୀୟ କଥା ହେଲା, ଏହି ପୃଥୁଳକାୟ ବ୍ୟକ୍ତିମାନେ କ୍ରମଶଃ ଅଳସୁଆ ହୋଇ ଉଠୁଥିବା କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ପ୍ରଦର୍ଶନ ଆକ୍ରାନ୍ତ ହେଉଛି ଏବଂ ତାର ଫଳ ରାଷ୍ଟ୍ରକୁ ଭୋଗିବାକୁ ପଡୁଛି। ସେଭଳି ଭାବେ ସେମାନଙ୍କ ଚିକିତ୍ସାରେ ହେଉଥିବା ବ୍ୟୟ ତଥା ସେମାନଙ୍କ ଚିକିତ୍ସାର ପ୍ରୟୋଜନୀୟତା ସାମଗ୍ରିକ ଭାବେ ସେବା କ୍ଷେତ୍ରକୁ ପ୍ରଭାବିତ କରୁଛି। ଯଦିଓ ଧନୀ ରାଷ୍ଟ୍ରମାନେ ବିଶେଷ କରି ଆମେରିକା ଓ ୟୁରୋପୀୟ ଦେଶ, ପୃଥିବୀର କ୍ରମବର୍ଧିଷ୍ଣୁ ପ୍ରାକୃତିକ ସଂସାଧନର ଅବକ୍ଷୟ ସକାଶେ ତୃତୀୟ ବିଶ୍ୱର ରାଷ୍ଟ୍ରଗୁଡ଼ିକୁ ଦାୟୀ କରନ୍ତି, ସେମାନେ ଏବେ ନିଜର ଓଜନକୁ ଚାହିଁ ସେ ବାବଦରେ ଚିନ୍ତା କରିବା ଉଚିତ।

*ସହକାରୀ ଇଞ୍ଜିନିୟର, ଭିସା ଷ୍ଟିଲ,*
*କଳିଙ୍ଗନଗର, ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ,*
*ଦୂରଭାଷ : ୯୯୩୭୬୬୯୮୮୭*

# ଖିଲି ଖିଲି ହସିବେ


ଅପର୍ଣ୍ଣା ନାୟକ

କେଶ ଓ ତ୍ୱଚାର ଯତ୍ନ ନେବା ପାଇଁ ବିୟୁଟି ପାର୍ଲରରେ ଧାଡ଼ି ଲଗାଇବା ଭଳି କସ୍‌ମେଟିକ୍ ଡେଣ୍ଟାଲ କେୟାର ବା ସ୍ମାଇଲ ଷ୍ଟୁଡ଼ିଓରେ ବି ଭିଡ଼ ଜମୁଛି। ଏହି ଭିଡ଼ ଲାଗିଛି କେବଳ ସୁନ୍ଦର ଓ ଚିତାକର୍ଷକ ଦାନ୍ତ ପାଇଁ, ଯାହା ପାଇଲେ ଖିଲି ଖିଲି ହସିବାକୁ ଭଲ ଲାଗେ। ଆଉ ଏହି ହସରେ ମୁହଁର ସୌନ୍ଦର୍ଯ୍ୟ ମଧ୍ୟ ବଢ଼ିଯାଏ। ଆଗେ କସ୍‌ମେଟିକ୍ ଡେଣ୍ଟାଲ ପଦ୍ଧତିର ଏତେଟା ଚାହିଦା ନଥିଲା। କିନ୍ତୁ ଏବେ ପ୍ରାୟ ବହୁ ବ୍ୟକ୍ତି ଏହାକୁ ପସନ୍ଦ କରୁଛନ୍ତି। ବିଶେଷକରି ମହିଳାମାନେ ଏଥିପାଇଁ ବେଶୀ ଆଗ୍ରହୀ। ଏହି ପଦ୍ଧତି ଖୁବ୍ ଇନୋଭେଟିଭ। ଏବେ ଏହି ପଦ୍ଧତିରେ ଦାନ୍ତରେ କ୍ରିଷ୍ଟାଲ ବା ହୀରା ଲଗାଯାଇପାରୁଛି। ଏହା ମଧ୍ୟ ବହୁ ଡେଣ୍ଟାଲ କ୍ଲିନିକ୍ ଦ୍ୱାରା କରାଯାଉଛି। ଦାନ୍ତ ସମ୍ମୁଖ ଭାଗରେ ମଣି ବା ରତ୍ନ ମାତ୍ର ୧୦ ମିନିଟ୍ ମଧ୍ୟରେ ଲଗାଇ ଦିଆଯାଇପାରୁଛି। ଏମିତିକି ଦାନ୍ତରେ ବି ନାଁ ଲେଖାଯାଉଛି ଓ ଏହା ଏବେ ଯୁବପିଢ଼ୀ ପାଇଁ ବେଶୀ ଗ୍ରହଣୀୟ ହେଉଛି।

ଦାନ୍ତକୁ ସଫାକରି ପୂରା ଧଳା କରିବା ଓ ଦାନ୍ତକୁ ଦାନ୍ତ ବାନ୍ଧିବା ଉପରେ ବହୁ କସ୍‌ମେଟିକ୍ ଡେଣ୍ଟିଷ୍ଟି ଗୁରୁତ୍ୱ ଦିଅନ୍ତି। ଏହା ଏକ ଶସ୍ତା ପଦ୍ଧତି। ଏହାଦ୍ୱାରା କଳାପଡ଼ିଯାଇଥିବା ଦାନ୍ତ ଚକ୍ ଚକ୍ କରେ। ଦୁର୍ବଳ ଦାନ୍ତ ବି ବଳ ପାଇଯାଏ। ଦାଗ ପଡ଼ିଥିବା ଦାନ୍ତକୁ ଧଳା କରିବାକୁ ପ୍ରଥମ ପର୍ଯ୍ୟାୟରେ ଡେଣ୍ଟିଷ୍ଟିମାନେ କେମିକାଲ ହ୍ୱାଇଟ୍‌ନିଙ୍ଗ ମାଇଲ୍ଡ ହ୍ୱାଇଟ୍‌ନିଙ୍ଗ, ଆବ୍ରାସିଭ୍ ଟୁଥ୍ ହ୍ୱାଇଟନିଙ୍ଗ ଦ୍ୱାରା କରାଯାଏ। ଏବେ କିନ୍ତୁ ଲେଜର ଟୁଥ ହ୍ୱାଇଟନିଙ୍ଗ ପଦ୍ଧତି ବେଶି ବ୍ୟବହାର କରାଯାଉଛି ବୋଲି ଜନୈକ ଡେଣ୍ଟିଷ୍ଟି। ଟୁଥ ବଣ୍ଡିଂ ଦ୍ୱାରା ଦାନ୍ତକ୍ଷୟକୁ ରୋକଯାଏ। ଦାନ୍ତ ମଧ୍ୟ ନୂଆ ରୂପ ପାଏ। ଏହି ପଦ୍ଧତିରେ କେମିକାଲ ସଲ୍ୟୁସନ୍ ମାଧ୍ୟମରେ ଏକ କୋଟିଂ ଦିଆଯାଏ। ଦାନ୍ତର ପୃଷ୍ଠଭାଗକୁ ଦନ୍ତୁରିତ କରାଯାଇ ଟୁଥ କଲର ଫିଲିଂ କରାଯାଏ। ଏହି ପଦ୍ଧତି ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ କଫି ଓ ଧୂମପାନ ମନା। ଟୁଥ୍ ବଣ୍ଡିଂ ପଦ୍ଧତି ଦେଢ଼ ହଜାରରୁ ୩ହଜାର ଟଙ୍କା ମଧ୍ୟରେ ହୋଇପାରୁଛି। ଅତି ଭଲ ପଦ୍ଧତି ୮-୧୦ ବର୍ଷ ଯାଉଛି। ଶସ୍ତା ପଦ୍ଧତି ୩ ବର୍ଷ ପର୍ଯ୍ୟନ୍ତ ରହୁଛି। ଗୁମୀ ସ୍ମାଇଲରେ ଦାନ୍ତ ଆଦୌ ଦେଖାଯାଏନି। ଏଥିପାଇଁ ଗୁମୀ ଲିପ୍ଟ ପଦ୍ଧତି ଅବଲମ୍ବନ କରାଯାଏ। ଏହି ପଦ୍ଧତିରେ ଟିସ୍ୟୁକୁ ନୂଆରୂପ ଦିଆଯାଏ ଯାହାଫଳରେ ହସିବା ଦ୍ୱାରା ଦାନ୍ତ ବାହାରକୁ ଦେଖାଦିଏ। ଏହା ମଧ୍ୟ ଆକର୍ଷଣୀୟ ହୋଇଥାଏ। କସ୍‌ମେଟିକ୍ ଡେଣ୍ଟିଷ୍ଟିରେ ଏହା ଏବେ ଏକ ପ୍ରମୁଖ ସ୍ଥାନ ନେଇଛି। ଏହି ପଦ୍ଧତିରେ ଲେଜରର ଅଲଟ୍ରା ଫାଇନ୍ ଫୋକସ ଦ୍ୱାରା କ୍ଷତିଗ୍ରସ୍ତ ମାଢ଼ି ଓ ନରମ ଟିସ୍ୟୁର ଉପଚାର କରାଯାଏ। ଏହାଦ୍ୱାରା ଦାନ୍ତର ଚାରିପାଖ ମଧ୍ୟ କୌଣସି କ୍ଷତି ହୁଏନି। ରକ୍ତସ୍ରାବ ହେବା ଅପରେସନ ପରେ ଯନ୍ତ୍ରଣା ଦେଖାଦେବା ଭଳି ସମସ୍ୟା ଉପୁଜେ ନାହିଁ। କୌଣସି ଫୁଲା ଦେଖାଯାଏନି କି ଔଷଧର ଆବଶ୍ୟକତା ପଡ଼େନାହିଁ। ମେଟାଲ ଓ ସେରାମିକ୍ ପ୍ରତିରୋପଣ ପଦ୍ଧତି ଏକ ପୁରୁଣା ପଦ୍ଧତି। କିନ୍ତୁ ଏବେ ଜିରକୋନିୟମ ପ୍ରତିରୋପଣର ଆଦରବେଶୀ। ଏହା ବ୍ୟକ୍ତିର ବୋନ୍‌ର ଶକ୍ତିକୁ ନେଇ କରାଯାଏ। ୨୫ ହଜାରରୁ ୩୦ ହଜାର ଟଙ୍କା ଏଥିପାଇଁ ଆବଶ୍ୟକ ପଡ଼େ। ଦାନ୍ତ ପୁରା ନଷ୍ଟ ହୋଇ ଆସୁଥିଲେ କିମ୍ବା ରଙ୍ଗ ପୁରା ବଦଳି ଯାଇଥିଲେ କ୍ରାଉନିଙ୍ଗ ଦ୍ୱାରା ଏହାକୁ ନୂଆ ରୂପ ଦିଆଯାଏ। କସ୍‌ମେଟିକ୍ ଡେଣ୍ଟିଷ୍ଟିମାନେ କ୍ରାଉନିଙ୍ଗ ବ୍ୟତୀତ ସେରାମିକ୍ ଭନିରସ୍‌କୁ ପସନ୍ଦ କରୁଛନ୍ତି। ଏହି ପଦ୍ଧତିରେ ଦାନ୍ତକୁ ନୂଆରଙ୍ଗ ରୂପ ବା ଆକାର ଦିଆଯାଇପାରୁଛି। ସାଂଘାତିକ ଆଘାତ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଦାନ୍ତକୁ ଠିକ୍ କରିଦିଆଯାଉଛି। ଏହା ମଧ୍ୟ ବହୁବର୍ଷ ପର୍ଯ୍ୟନ୍ତ ରହୁଛି। ସେରାମିକ୍ ଭିନିର୍ ପାଇଁ ୧୨ରୁ ୨୦ ହଜାର ଖର୍ଚ୍ଚ ହେଉଛି।

କସ୍‌ମେଟିକ୍ ଡେଣ୍ଟିଷ୍ଟିରେ ଦାନ୍ତକୁ ଯେତେ ସୁନ୍ଦର କରାଯାଇପାରିଲେ ମଧ୍ୟ ସୁସ୍ଥ ଦାନ୍ତର ରହସ୍ୟ ଲୁଚିଛି ଖାଦ୍ୟରେ। ଏଥିପାଇଁ ପ୍ରତିଦିନ କଦଳୀ ଖାଆନ୍ତୁ। ଏହା ଦନ୍ତକୁ ଧଳା ରଖେ। ମାଢ଼ି ମଜବୁତ୍ କରେ। ସେଓ ମାଢ଼ିକୁ ପରିଷ୍କାର ରଖେ। କମଳାଲେମ୍ବୁରେ ଥିବା ଭିଟାମିନ 'ସି' ଦାନ୍ତ ପାଇଁ ଦରକାରୀ ଏହା ମୁଖରେ ଏସିଡ଼ିକ ସ୍ତରକୁ ନିୟନ୍ତ୍ରଣ କରେ। ଷ୍ଟ୍ରବେରୀରେ ଥିବା ମାଲିକ୍ ଏସିଡ଼ ଦାନ୍ତ ଉପରେ ଜମୁଥିବା ମଇଳା ଦୂରକରେ। ତରଭୁଜ ଖାଇବା ଦ୍ୱାରା ମାଢ଼ି ଓ ଦାନ୍ତ ପରିଷ୍କାର ରହେ। ଆପଣ କେବଳ ପଇସା ଖର୍ଚ୍ଚ କରିଦେଲେ ଯେ ଦାନ୍ତ ସଫା ରହିବ ତାହା ନୁହେଁ। ଏ ନେଇ ଆପଣଙ୍କର ବ୍ୟକ୍ତି ନିଷ୍ଠ ଶ୍ରଦ୍ଧା ଓ ଆଗ୍ରହ ମଧ୍ୟ ରହିବା ଉଚିତ।

*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,*
*ନୂଆଦିଲ୍ଲୀ, ପିନ-୧୧୦୦୪୬*

# ଅଷ୍ଟମ ବେତନ ଆୟୋଗ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ଇତିମଧ୍ୟରେ ଘୋଷଣା କରିଛନ୍ତି। ଅବଶ୍ୟ ସରକାରୀ କର୍ମଚାରୀଙ୍କ ବେତନ ନିର୍ଦ୍ଧାରଣ ପାଇଁ କମିଶନ ଗଠନ ନୂଆ କଥା ନୁହେଁ। ଆମ ଦେଶରେ ପ୍ରତି ୧୦ବର୍ଷରେ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ କେନ୍ଦ୍ର ସରକାର ବେତନ ଓ ଭତା ନିର୍ଦ୍ଧାରଣ କରିଥାନ୍ତି। ପ୍ରଥମେ କେନ୍ଦ୍ରୀୟ କର୍ମଚାରୀଙ୍କ କ୍ଷେତ୍ରରେ ନୂତନ ବେତନ ହାର ଲାଗୁହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରାମାନେ ରାଜ୍ୟକର୍ମଚାରୀମାନଙ୍କ ପାଇଁ ଲାଗୁ କରିଥାନ୍ତି। ବେତନ କମିଶନ ତାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବା ପରେ କାର୍ଯ୍ୟକାରୀ ହୋଇଥାଏ। ବେତନ ଆୟୋଗ ଯେଉଁ ସୁପାରିଶ କରିବ, ତାହା ୨୦୨୬ ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହେବ। ଏହା ଫଳରେ କେନ୍ଦ୍ର କର୍ମଚାରୀଙ୍କ ବେତନ ଓ ଭତା ବୃଦ୍ଧି ପାଇବା ପଥ ପରିସ୍କାର ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବେତନ ଓ ଭତାବୃଦ୍ଧି ପାଇଁ ସରକାରୀ କର୍ମଚାରୀମାନେ ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି। ସରକାରୀ କର୍ମଚାରୀ ଉତମ ବେତନ ଓ ଭତା ପାଇବା କୌଣସି ଅଯୌକ୍ତିକ ନାହିଁ। ସରକାର ପରିଚାଳନା ଏକ ଜଟିଳ ବ୍ୟାପାର ଏଥିରେ ସନ୍ଦେହ ନାହିଁ। ତେଣୁ ସେମାନେ ନିଜର ବେତନ ଓ ଭତା ଦାବି କରିବା କିମ୍ବା ସରକାର ସେମାନଙ୍କର ବେତନ ଓ ଭତା ବୃଦ୍ଧି କରିବାରେ ଅଯୌକ୍ତିକ ଘଟଣା ନୁହେଁ। ମାତ୍ର ଯେଉଁ ହାରରେ ବେତନ ଓ ଭତା ବୃଦ୍ଧି ନେଇ ରିପୋର୍ଟ ପ୍ରକାଶ ପାଇଛି, ତାହାର ଔଚିତ୍ୟ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଉଲ୍ଲେଖ କରାଯାଇପାରେ ଯେ, ଗତ ୨୦୧୬ ମସିହା ଜାନୁୟାରୀ ପହିଲାରେ ସପ୍ତମ ବେତନ କମିଶନଙ୍କ ସୁପାରିଶ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇଥିଲା। ସେତେବେଳେ କର୍ମଚାରୀଙ୍କୁ ମାସିକ ବେତନ ସର୍ବନିମ୍ନ ୭ହଜାର ଟଙ୍କା ଥିବାବେଳେ ତାହା ୧୮ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଅନ୍ୟାନ୍ୟ ଭତାକୁ ମିଶାଇଲେ ସର୍ବନିମ୍ନ ତଳପାହ୍ୟାର ଜଣେ କର୍ମଚାରୀଙ୍କୁ ମାସିକ ୩୬ହଜାର ଟଙ୍କା ମିଳୁଥିଲା। ଅର୍ଥାତ ଏଥିରେ ଫିଟମେଂଟ ଫ୍ୟାକ୍ଟର ଥିଲା ୨.୫୭। ଅଷ୍ଟମ ବେତନ ଆୟୋଗ ସୁପରିଶରେ ଫିଟମେଂଟ ଫ୍ୟାକ୍ଟର ଥିଲା ୨.୫୭। ଅଷ୍ଟମ ବେତନ ଆୟୋଗ ସୁପାରିଶରେ ଫିଟମେଂଟ ଫ୍ୟାକ୍ଟର ୨.୫୭ ରୁ ୨.୮୬କୁ ବୃଦ୍ଧି ପାଇବା ନେଇ ଚର୍ଚ୍ଚା ହେଉଛି। ଏହା ଯଦି ହୁଏ ତେବେ ୧୮ହଜାରରୁ ବେତନ ବୃଦ୍ଧି ପାଇଁ ୫୧ହଜାର ଟଙ୍କା ହେବା ନେଇ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ପଦସ୍ଥ ପ୍ରଶାସନିକ ଅଧିକାରୀ ବେତନ କେତେ ହେବ, ତାହା ସହଜରେ ଅନୁମାନ କରାଯାଇପାରେ। କହିବା ବାହୁଲ୍ୟ ଯେ, ସରକାରୀ ଚାକିରୀରେ ବେତନ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଭତାରେ କୌଣସି ଅନିଶ୍ଚିତତା ନଥିବା ଚାକିରିର ସ୍ଥାୟିତ୍ୱ ନିରାପତା ରହିଛି। ଆମ ଦେଶରେ ଯୁବକଯୁବତୀମାନେ ସରକାରୀ ଚାକିରୀଟିଏ ପାଇଗଲେ ନିଜକୁ ସୌଭାଗ୍ୟ ମଣିଥାନ୍ତି। ସରକାରୀ ଚାକିରିଟିଏ ମିଳିଗଲା ପରେ ଉପୁରି (ଅସଦ ଉପାୟରେ ଆୟ) ମଧ୍ୟ ରହିଛି। ଯେଉଁଥିପାଇଁ କି ଆଜି ସମସ୍ତେ ସରକାରୀ ଚାକିରିଟିଏ ପାଇଁ ବ୍ୟାକୁଳ। ଅନ୍ୟପକ୍ଷରେ ସରକାରୀ ନିଯୁକ୍ତିଟିଏ ମିଳିବା ମଧ୍ୟ ସାତସପନ। ଦଉଡି ଦଉଡି ବୟସ ଚାଲିଯାଏ, କିନ୍ତୁ ଚାକିରି ମିଳେ ନାହିଁ। ଯେଉଁଥିପାଇଁ କି ଦେଶରେ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ଆକାର ଧାରଣ କରିଛି। ଗୋଟିଏ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ଏମବିଏ ଏବଂ ଟେକ୍ନିକାଲ ଡିଗ୍ରିଧାରି ଯୁବକଯୁବତୀ କୁଣ୍ଠାବୋଧ କରୁନାହାଁନ୍ତି। କେବଳ ଏତିକି ନୁହେଁ, ଗୋଟିଏ ପଦବୀ ପାଇଁ ଲକ୍ଷଲକ୍ଷ ଆଶାୟୀ ଆବେଦନ କରିବା ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଅନ୍ୟପକ୍ଷରେ ବେସରକାରୀ ସଂସ୍ଥା ପ୍ରତି ଶିକ୍ଷିତ ଯୁବକଯୁବତୀ ବିମୁଖ। ଏହାର କାରଣ ନିଯୁକ୍ତି ଅସୁରକ୍ଷିତ। ତାଳ ଗଛର ଛାଇ ପରି। ସେହିପରି କର୍ପୋରେଟ ସେକ୍ଟରର ଉଚ୍ଚ ପଦବୀ ବ୍ୟତୀତ ତଳତଳିଆ ପଦବୀରେ ବେତନ ସର୍ବନିମ୍ନ। ନିଯୁକ୍ତି ମଧ୍ୟ ଅସୁରକ୍ଷିତ। ଆହୁରି ମଧ୍ୟ ଅବସରପରେ ଉଚ୍ଚ ବେତନରେ ନିଯୁକ୍ତି ଏବେ ଆମ ଦେଶରେ ଆଉ ଏକ ବଡ ସମସ୍ୟା ଭାବରେ ଉଭା ହୋଇଛି। ଯାହାର କାରଣ ସ୍ୱରୁପ ସରକାରୀ ଚାକିରୀରେ ନିଯୁକ୍ତି ସଂକୁଚିତ ହେବାରେ ଲାଗିଛି। ଆନ୍ତର୍ଜାତିକି ଶ୍ରମ ସଂଗଠନ (ଆଇଏଲଓ)ର ରିପୋର୍ଟ ଅନୁଯାୟୀ ମୋଟ ଶ୍ରମଶକ୍ତି ହାର ତୁଳନାରେ ସରକାରୀ କର୍ମଚାରୀଙ୍କ ସଂଖ୍ୟା ସର୍ବନିମ୍ନ ଥିଲେ ମଧ୍ୟ ସର୍ବାଧିକ ବ୍ୟୟ ବହୁଳ। ନିଯୁକ୍ତି ହାର ବୃଦ୍ଧି ସହ ବେତନ ନେଇ ଆୟୋଗ ଏବଂ ସରକାର ଧ୍ୟାନ ଦେବା ଜରୁରୀ।

*ସୌଭାଗ୍ୟ ରଂଜନ ମହାନ୍ତି(ରାଜା),*
*ସମ୍ମାନ ଭବନ,*




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା


ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ଵାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ


ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଜ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଜ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି ।



ଆମ ଓଡିଶା ସାରା ଭାରତରେ ଉଭୟ ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ ।

ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତେ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।

କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନବ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।



୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।



(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଳମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିକ୍କା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦ୍‌ଘାଟିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିବା ବେଳେ ବର୍ଷାଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡ଼ିକ ବର୍ଷାଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଙ୍ଘିବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ।

## ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ଚାଞ୍ଚଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ଚାଞ୍ଚଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି। ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି। ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଢ କୁଢ ଆବର୍ଜନା ପଡିରହିଛି। ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି। ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ। ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ। ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି। ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି। ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି। ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।



## ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ। ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର। ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି। ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି। ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ। ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ। କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ। ଆମେ ଏହାର ଯାଞ୍ଚ କରିପାରିବୁ ନାହିଁ। ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥା'ନ୍ତା ତାହାହେଲେ ଆମେ ଚଢାଉ କରିଥାନ୍ତୁ। ଏହ ପୋଲିସର ଦାୟିତ୍ୱ। ପୋଲିସ ଏହି ଘଟଣାର ତଦନ୍ତ କରିପାରିବ। ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି। ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ। ଯାହା ସ୍ଥଳବିଶେଷରେ ସମ୍ଭବ ନୁହେଁ। ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି। ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି। କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ। ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା। କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ। କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ। ତଥାପି ଆମେ ଏ ନେଇ ଚିନ୍ତା କରୁଛୁ। ଖୁବ୍‌ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

## ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ



କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ। କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ। କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ। ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ରାଇମୋହନଙ୍କ ବିୟୋଗରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ଶୋକସଭା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ସିନେମା ଜଗତରେ ନବେରୁ ଅଧିକ ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରି ଆସିଥିବା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଜେବି ନଗର ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ, ନିତ୍ୟ ନୂତନ କଳା ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, କବି ନାରାୟଣ ଦାସ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, କବି ଜ୍ୟୋତିପ୍ରଭା ପଟ୍ଟନାୟକ, ଗତିକୃଷ୍ଣ ଜେନା, ସ୍ମୃତିରଂଜନ ସାହୁ, ଯଯାତି ନାୟକ, ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତଃ ରାଇମୋହନଙ୍କ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଥିଲା। ନିରୁତା ଓଡ଼ିଆଭାବ ତାଂକ ଅଭିନୟରେ ଭରିରହିଥିଲା। କେବଳ ଓଡ଼ିଆ ନୁହେଁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ରାଇମୋହନ ନିଖୁଣ ଖଳନାୟକର ଅଭିନୟ କରିଥିଲେ। ଯାତ୍ରାରେ ମଧ୍ୟ ସେ ପାରଦର୍ଶୀ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଉଥିଲେ। ସମସ୍ତଂକ ସହ ସହଜରେ ମିଶିପାରୁଥିବା ଏହି ଅଭିନେତାଙ୍କ ବିୟୋଗ ଓଡ଼ିଶାର କଳା, ସଂସ୍କୃତି ଜଗତ ପାଇଁ ବିପୁଳ କ୍ଷତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବର୍ଙ୍ଗିଦା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱ ଓ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଦିଲ୍ଲୀପ ହୋତାଙ୍କ ସଂଯୋଜନାରେ ରକ୍ତଦାନ ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ପାଲଟାସିଂହ, ନିମାଇଁ ମହାରଣା, ପୂର୍ଣ୍ଣ ସାମନ୍ତରାୟ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ହୋତା ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ‘କାଗଜ ଗୁଡି’ର ଶୁଭମହୁରତ୍

ଭୁବନଶ୍ୱେର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର ‘ମନ ମୋର କାଗଜଗୁଡି’ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର
ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଉର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ‘ବେଷ୍ଟ ଆଇଡିଆଜ୍’। ‘ମନ ମୋର କାଗଜ ଗୁଡି’ ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ରର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ
ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ ‘ମନ ମୋର କାଗଜ ଗୁଡି’ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ ‘ମନମୋର କାଗଜଗୁଡି’ ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଏସଆଇସି ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଆଇସି ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।
ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।
ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜଗନ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Saturday February 08 | ଭୁବନେଶ୍ୱର ଶନିବାର, ଫେବୃଆରୀ ୦୮,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

## କିମ୍ସରେ ବିଂଶତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): ଆସୋସିଏସନ୍ ଅଫ୍ ଫୋନୋ ସର୍ଜନ୍ସ ଅଫ୍ ଇଣ୍ଡିଆ (ଏପିଏସ୍‌ଆଇ)ର ୨୦ତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ 'ଫୋନୋକନ୍-୨୦୨୫' ଶୁକ୍ରବାର କିମ୍ସରେ ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪ଶହରୁ ଊର୍ଦ୍ଧ୍ୱ ସ୍ୱର ବିଶେଷଜ୍ଞ, ସର୍ଜନ, ସ୍ପିଚ୍ ଥେରାପିଷ୍ଟ ଯୋଗ ଦେଇଛନ୍ତି। ଏ ନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଏପିଏସ୍‌ଆଇର ସଭାପତି ତଥା କିମ୍ସ କର୍ଣ୍ଣ, ନାସା ଓ ଗଳା ବିଭାଗ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ କହିଲେ ତୃତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀରେ ସ୍ୱରଯନ୍ତ୍ର ଜନିତ ସମସ୍ୟା ଓ ତାହାର ନିରାକରଣ ବିଷୟରେ ତିନିଧରି ଆଲୋଚନା, କର୍ମଶାଳା ଅନୁଷ୍ଠିତ ହେବା ସହ କର୍ଣ୍ଣ, ନାସା ଓ ଗଳା ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଲାଇଭ୍ ସର୍ଜରୀ କରାଯିବ। ଅତ୍ୟଧିକ କଥା କହିବା ଆମ ଶରୀରର ସ୍ୱରଯନ୍ତ୍ର ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ। ଫଳରେ ଆମ ସ୍ୱରରେ ପରିବର୍ତ୍ତନ ଘଟିଥାଏ। ତେଣୁ ଆବଶ୍ୟକତା ଠାରୁ ଅଧିକ ସମୟ କଥା ନ କହିବା ଓ ସୁସ୍ଥ ଗଳା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଦିନରେ ଓ ରାତିରେ ଦୁଇଥର ଦାନ୍ତ ଘଷିବା ସହ ଉଷୁମ ପାଣିରେ ଗର୍ଗଲିଂ କରିବା ପାଇଁ ପ୍ରଫେସର ସାମନ୍ତରାୟ ପରାମର୍ଶ ଦେଇଥିଲେ। ସମ୍ମିଳନୀ ଆୟୋଜନ କମିଟିର ସମ୍ପାଦକ ଡା. ଖଗେଶ୍ୱର ରାଉତ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ମଣିଷର ସ୍ୱର ଜନ୍ମଗତ ବୋଲି ସାଧାରଣରେ ଏକ ଧାରଣା ରହିଛି। କିନ୍ତୁ ଶରୀରରେ ଥିବା ସ୍ୱର ଯନ୍ତ୍ରର ଅସ୍ତ୍ରୋପଚାର କରାଯାଇ ସ୍ୱରକୁ ଠିକ୍ କରାଯାଇପାରିବ ବୋଲି ସେ କହିଥିଲେ। ପାନ, ଗୁଟଖା ଆଦି ଟବାକୋ ଖାଇବା ଓ ଧୂମପାନ ଆମର ସ୍ୱର ଯନ୍ତ୍ର ଓ ଗଳା ଉପରେ ପ୍ରଭାବ ପକାଇଥାଏ। ଏଥିଯୋଗୁଁ ଆମର ସ୍ୱର ଖରାପ ହେବା ସହ ନିଶ୍ୱାସ ନେବା ଓ ଢୋକିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱରରେ ପରିବର୍ତ୍ତନ କିମ୍ବା ଗଳା ଖରାପ ହେଲେ ଏହାକୁ ଆଦୌ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଥିଲେ। ପାନ, ଗୁଟ୍‌ଖା ଓ ଧୂମପାନ ସେବନଠାରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନା ସୃଷ୍ଟି ଉପରେ ଡା ରାଉତ ଗୁରୁତ୍ୱାରୋପ କରିଥିଲେ। ଏସବୁର ସଚେତନତା ପାଇଁ ସେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଏପିଏସ୍‌ଆଇର ପ୍ରତିଷ୍ଠାତା ସଭାପତି ଡା. ଭି ଫଣୀନ୍ଦ୍ରକୁମାର ଓ ସମ୍ପାଦକ ଡା ଆଲୋକ କାରୋଲକର ପ୍ରମୁଖ ଉପସ୍ଥିତ ଥିଲେ।

## ମହାମହିମ ରାଜ୍ୟପାଳ ଡ଼ଃ. ହରି ବାବୁ କମ୍ଭମ୍ପତିଙ୍କ ପ୍ରଥମ ପାରାଦୀପ ବନ୍ଦର ପରିଦର୍ଶନ



ପାରାଦୀପ,(ପି.ଏନ): ଓଡ଼ିଶାର ରାଜ୍ୟପାଳ ଡ଼ଃ. ହରି ବାବୁ କମ୍ଭମ୍ପତି ଙ୍କ ପାରାଦୀପ ଗସ୍ତରେ ଆସିଥିବା ବେଳେ ଶୁକ୍ରବାର ଦିନ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର ପରିଦର୍ଶନ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଅନ୍ୟାନ୍ୟ ଅଧିକାରୀଙ୍କ ସହ ବନ୍ଦର ପ୍ରଶାସନିକ ଭବନ ଠାରେ ମହାମହିମ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିବା ବେଳେ ସିଆଇଏସଏଫ ୟୁନିଟ ପକ୍ଷରୁ ଗାର୍ଡ ଅଫ ହନର ପ୍ରଦାନ କରାଯାଇଥିଲା । ରାଜ୍ୟପାଳଙ୍କୁ ପାରାଦୀପ ବନ୍ଦର ର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ଯୋଜନା, ବନ୍ଦରର ଯାନ୍ତ୍ରିକରଣ, ପଣ୍ୟ ପରିଚାଳନା ଓ କାରବାର ର ଅଭିବୃଦ୍ଧି ସମ୍ପର୍କରେ ବନ୍ଦରାଧ୍ୟକ୍ଷ ସୂଚନା ପ୍ରଦାନ କରିଥିଲେ । ରାଜ୍ୟପାଳ ବନ୍ଦରର ବିଭିନ୍ନ କାର୍ଯ୍ୟଦକ୍ଷତା,ବୈଷୟିକ କ୍ଷେତ୍ରରେ ସଫଳତା ଓ ଭିତିଭୂମି ସୁଦୃଢତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ଏହାପରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ମହାମହିମ ରାଜ୍ୟପାଳ ଙ୍କୁ ବନ୍ଦର ପୋତାଶ୍ରୟ ବୁଲାଇ ଦେଖାଇଥିଲେ । ଏହାପରେ ସ୍ୱଚ୍ଛ ପାରାଦୀପ ଏବଂ ସବୁଜ ପାରାଦୀପ ଅଭିଯାନ ପରିପ୍ରେକ୍ଷୀରେ ରାଜ୍ୟପାଳ ବନ୍ଦର ନିଷିଦ୍ଧାଞ୍ଚଳ ୩ ନମ୍ବର ଗେଟ ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ତେବେ ସୂଚନାଥାଉକି ମହାମହିମ ରାଜ୍ୟପାଳ ଶୁକ୍ରବାର ପୂର୍ବାହ୍ନ ରେ ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

## ବାଲିପୋଖରି ଜଙ୍ଗଲର ପୁନରୁଦ୍ଧାର



ବାଲିଅନ୍ତା ,(ପି.ଏନ): ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଯଶୁଆପୁର ଗ୍ରାମର ବାଲିପୋଖରି ନିକଟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜଙ୍ଗଲର କିଛି ପରିମାଣ ଗଛ ନଷ୍ଟ ହୋଇଯାଉଥିଲା । ସେହି ନଷ୍ଟ ହୋଇଯାଇଥିବା ଗଛକୁ ପୁନଃ ରୋପଣ କରିବା, ପରିବେଶ ସୁରକ୍ଷାର ସଚେତନ ବାର୍ତ୍ତା ଦେବା ନେଇ ବାଲିଅନ୍ତା ବ୍ଲକ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜଙ୍ଗଲରେ ସୃଷ୍ଟି ହୋଇଥିବା ଲତା ଗଛ କାଟି ପରିଷ୍କାର କରିବା, ଚାରା ରୋପଣ କରିବା ସହିତ ଜଙ୍ଗଲର ସୁରକ୍ଷା ପାଇଁ ଚାରିପାଖରେ ତାର ବାଡ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟରେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ୱାର୍ଡ ସଭ୍ୟ ଅଭିମନ୍ୟୁ ଭୋଇ ପ୍ରମୁଖ ଯୋଗଦାନ କରି ଚାରା ରୋପଣ କରିଥିଲେ ।

## ଫୁଲନଖରାଖଲର୍ଦ୍ଧା-କୁରୁଣ୍ଟି ରାସ୍ତା ନିମ୍ନମାନର ଅଭିଯୋଗ

ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ ୩୩ନମ୍ବର ଜିଲାପରିଷଦ ଜୋନ ଅନ୍ତର୍ଗତ ଖଲର୍ଦ୍ଧା-କୁରୁଣ୍ଟି ରାସ୍ତା ଉନ୍ନତିକରଣ ତଥା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହା ନିମ୍ନମାନର ହେଉଥିବା ଦର୍ଶାଇ ସ୍ଥାନୀୟ ଲୋକେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସରକାରୀ ଅନୁମୋଦିତ ନିୟମ ଅନୁସାରେ କାର୍ଯ୍ୟ ନକରି ମନଇଚ୍ଛା କାର୍ଯ୍ୟ ଚାଲିଛି। ରାସ୍ତାରୁ ପୁରୁଣା ପିଚୁ ନଉଠାଇ ତା'ଉପରେ ଅତି ପତଳା ପିଚୁ ଦିଆଯାଉଥିବାରୁ ତାହା କେତେକ ଦିନ ତିଷ୍ଠି ରହିବ ଏବେଠାରୁ ସନ୍ଦେହ ହେଲାଣି। ରାସ୍ତାର ଉଭୟ ପାର୍ଶ୍ୱକୁ ଚଉଡ଼ା କରିବା ପରିବର୍ତ୍ତେ କେବଳ ଘାସ ସଫା କରି ତା' ଉପରେ ପିଚୁ ପକାଯାଉଛି। କୁଶକଣ୍ଟାଠାରେ ରାସ୍ତା ଅଣଓସାରିଆ ଥିଲାବେଳେ ତାକୁ ଚଉଡ଼ା କରାଯାଉନାହିଁ। ଏପରିକି ରାସ୍ତାକୁ ଲାଗି ଅନାବନା ଗଚକୁ ଉଚ୍ଛେଦ କରାଯାଉନଥିବା ଦେଖାଯାଇଛି। ଅତି ତରବରିଆଭାବେ ଯେନତେନ ପ୍ରକାରେ କାର୍ଯ୍ୟ ସାରିଦେବାକୁ ସମ୍ପୃକ୍ତ ଠିକାଦାର ଲାଗିପଡ଼ି ନିଜ ବିଲ ହାତେଇବାକୁ ମସୁଧା ଚଳାଇଛନ୍ତି। ଅପରପକ୍ଷରେ କାର୍ଯ୍ୟ ଚାଲିଥିବା ସମୟରେ ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀଙ୍କ ଅନୁପସ୍ଥିତି ରାସ୍ତାର ସ୍ଥାୟିତ୍ୱ ଓ ମାନକୁ ନେଇ ସନ୍ଦେହ ବଢ଼ିଯାଇଛି।

## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରାପଡାରେ ମୋଦି ଓ ଟ୍ରମ୍ପଙ୍କ କୁଶପୁ ଳିକା ଦାହ

କେନ୍ଦ୍ରାପଡ଼ା,(ପି.ଏନ): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ ବୋଲି ଦାବି କରୁଥିବା ବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବେଆଇନ ଅନୁପ୍ରବେଶକାରୀ ବୋଲି କହି ୧୦୪ ଜଣ ଭାରତୀୟଙ୍କୁ ଯେଉଁଭଳି ହାତରେ ହାତକଡି, ଅଣ୍ଟାରେ ଶିକୁଳି ଓ ଗୋଡରେ ବେଡି ପକାଇ ଅତ୍ୟନ୍ତ ଅପମାନଜନକ ଭାବେ ଆଣି ଅମୃତସର ବିମାନ ବନ୍ଦରରେ ଛାଡିଲେ ତାହା କେବଳ ଅମାନବୀୟ ନୁହେଁ ବରଂ ଦେଶ ପାଇଁ ଲଜ୍ଜାଜନକ। ମୋଦିଙ୍କ ଗୋଟିଏ ଫୋନକଲରେ ୟୁକ୍ରେନ ଓ ଋଷ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇପାରୁଥିବା ବେଳେ ନିଜ ଦେଶର ନାଗରିକଙ୍କୁ ଆମେରିକା ସରକାରର ଏଭଳି ନିଷ୍ଠୁର ଓ ନିର୍ଲଜ ଆଚରଣ ବିରୁଦ୍ଧରେ ମୋଦି ସରକାର କେବଳ ଚୁପ୍ ରହିନାହାନ୍ତି ବରଂ ଓଲଟି ଆମେରିକାର ଓକିଲାତି କରିଛନ୍ତି। ଗତକାଲି ସଂସଦରେ ଏହି ପ୍ରସଙ୍ଗ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଯେଉଁଭଳି ସ୍ପଷ୍ଟିକରଣ ଦେଲେ ସେଥିରୁ ବିଜେପି ଓ ଆର.ଏସ.ଏସ.ର ଆମେରିକା ନିକଟରେ ଆତ୍ମସମର୍ପଣ ବୋଲି ଅଭିହିତ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆଜି କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ପ୍ରତିବାଦ ସଭା କରାଯାଇ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁ ଳିକା ପୋଡା ଯାଇଛି। ଟ୍ରମ୍ପ ସରକାର ହାଏ ହାଏ ଦେଶ ବିରୋଧୀ ନରେନ୍ଦ୍ର ମୋଦି ସରକାର ଇସ୍ତଫା ଦିଅ ନାରା ଦେଇ ଅନୁଷ୍ଠିତ ସଭାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ। ଏହି ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ଗୟାଧର ଧଳ,ରମଣୀ ରଞ୍ଜନ ରାଉତରାୟ, ସୂର୍ଯ୍ୟକାନ୍ତ ପରିଡା, ପ୍ରକାଶ ଚନ୍ଦ୍ର ମଲିକ, ପ୍ରକାଶ ଚନ୍ଦ୍ର ମହାନ୍ତି, ବିଧୁଭୁଷଣ ମହାପାତ୍ର, ଆଦିକନ୍ଦ ରାଉଳ,କେଦାର ସାମନ୍ତରାୟ,ଜଗତଜୀବନ ଦାଶ, ବୈଷ୍ଣବ ସ୍ୱାଇଁ, ଅମରେନ୍ଦ୍ର ଦାସ, ସୁହାନା ବେଗମ, ସୁରେଶ ପଟ୍ଟନାୟକ, ରୁଦ୍ରପ୍ରତାପ ବେହେରା, ସେଖ ସାହିଲ, ଲଜମାନ ନିଶା, ଫହିମ ବେଗମ, ଜାହିଦୁର ରହେମାନ,ଶେଖ ଇସମାଇଲ ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାରଙ୍କ ଇସ୍ତଫା ଦାବି କରିଥିଲେ। ଶେଷରେ ମୋଦି ଓ ଟ୍ରମ୍ପଙ୍କ କୁଶପ ଳିକା ଦାହ କରା ଯାଇଥିଲା।




## ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କର୍ମଚାରୀଙ୍କ ନାମରେ ମାମଲା ରୁଜୁ

ଜଗତସିଂହପୁର,(ପି ଏନ) : ଜଗତସିଂହପୁର ସଦର ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା କର୍ମଚାରୀଙ୍କ ଶୈରାତ୍ମ୍ୟ ରେ ଋଣ ନେଇଥିବା ଯୁବକ ଯୁବତୀ ଅତିଷ୍ଠ ହୋଇପଡିଛନ୍ତି । ଉକ୍ତ ବ୍ୟାଙ୍କର ଜନୈକ ରିକଭରି ମ୍ୟାନେଜର ଓ ହେଡ୍ ଅଫିସର ରିଜୋନାଲ ମ୍ୟାନେଜର ଉକ୍ତ ବ୍ୟାଙ୍କର କର୍ମଚାରୀ ସରକାରୀ କର୍ମଚାରୀ ଖୋଲାଖୋଲି ଭାବେ ଉଲ୍ଲଘଂନ କରି ଋଣନେଇଥିବା ମହିଳା ଙ୍କୁ ବାରମ୍ବାର ମାନସିକ ଚାପ ସହ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଜଗତସିଂହପୁର ଥାନାରେ ଏକ ଅଭିଯୋଗ ହୋଇଛି । ଜଗତସିଂହପୁର ଥାନା ଆଳିପିଙ୍ଗଳ ଗ୍ରାମର ଜଣେ ଅନୁସୂଚିତ ବର୍ଗର ମହିଳା ଆଣିଥିବା ଏକ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଏକ ବକେୟା ଋଣ ଟଙ୍କା କୁ କେନ୍ଦ୍ରକରି ଗତ ଜାନୁଆରୀ ମାସ ୨ ତାରିଖ ବୁଧବାର ଦିନ ରାତ୍ର ୧୦:୩୦ ରେ ପଞ୍ଜାବ ନ୍ୟାସନାଲ ଜଗତସିଂହପୁର ଶାଖାର ମ୍ୟାନେଜର ଓ ରିକଭରି ମ୍ୟାନେଜର ନିଶାଶକ୍ତ ଅବସ୍ଥାରେ ଉକ୍ତ ଅନୁସୂଚିତ ମହିଳାଙ୍କ ଘରରେ ପ୍ରବେଶ କରି ମହିଳାଙ୍କୁ ଟଣାଓଟରା କରିବା ସହ ଅଶୀଳ ଭାଷା ପ୍ରୟୋଗ କରିବାକୁ ମଧ ପଛାଇନଥିଲେ ଉକ୍ତ ମହିଳା ଏହାକୁ ପ୍ରତିବାଦ କରିବାରୁ ଶକ୍ତ ଧକ୍କା ଦେବାରୁ ଗେଟ ରେ ପିଟି ହୋଇଥିଲେ ଉକ୍ତ ମହିଳା । ଏହି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମ୍ୟାନେଜର, ଓ ରିକଭରି ମ୍ୟାନେଜର ସମସ୍ତ ଘଟଣାଙ୍କୁ ନେଇ ଏନେଇ ଜଗତସିଂହପୁର ଥାନାରେ ଗତ ଜାନୁୟାରୀ ୩୦ ତାରିଖ ଦିନ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ସମ୍ପୃକ୍ତ ମହିଳାଙ୍କ ଏତଲାକୁ ଭିତ୍ତିକରି କେସ ନଂ ୬୬/ ୨୫ ରେ ଏସସି/ଏସଟି (ପିଏଲ)ଆକ୍ଟ /୧୨ ପୋକ୍ସ ମାମଲା ରୁଜୁ କରି ଏସଡ଼ିପିଓ ରଶ୍ମି ରଞ୍ଜନ ସାହୁ ଙ୍କୁ ତଦନ୍ତ ଭାର ହାତକୁ ନେଇଛନ୍ତି । ଏଥିପ୍ରତି ଜିଲ୍ଲାଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ଦୃଷ୍ଟି ଦେଇ ଉକ୍ତ ବ୍ୟାଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଉକ୍ତ ମହିଳାଙ୍କ ପକ୍ଷରୁ ଦାବୀ ହେଉଛି ।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray